## ଅଲ୍ଲାଃ ତାଲାଙ୍କ ବାଣୀ

اَلۡیَوۡمَ اَکۡمَلۡتُ لَکُمۡ دِیۡنَکُمۡ
وَاَتۡمَمۡتُ عَلَیۡکُمۡ نِعۡمَتِیۡ
وَرَضِیۡتُ لَکُمُ الۡاِسۡلَامَ دِیۡنًا
(سورۃ المائدہ:4)

ଅନୁବାଦ- ଆଜି ଆମ୍ଭେ ତୁମମାନଙ୍କ (କଲ୍ୟାଣ) ସକାଶେ ତୁମମାନଙ୍କ ଧର୍ମକୁ ପୂର୍ଣ୍ଣତା ପ୍ରଦାନ କରୁଅଛୁ ଓ ତୁମମାନଙ୍କ ପ୍ରତି ଆମ୍ଭର ଅନୁଗ୍ରହକୁ ସଂପୂର୍ଣ୍ଣ କରିଅଛୁ ଏବଂ ତୁମମାନଙ୍କ ସକାଶେ 'ଇସ୍‌ଲାମକୁ' ଧର୍ମ ରୂପେ ପସନ୍ଦ କରିଅଛୁ ।

*(ଅଲ୍‌ମାଇଦା: ୪)*


بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 6

ସଂଖ୍ୟା 17

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

29 ଏପ୍ରିଲ୍ 2021 | 29 ଶାହାଦତ୍ 1400 ହି.ଶ | 16 ରମ୍‌ଜାନ୍ 1442 ହି.କ


## ଅହ୍‌ମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥**

**ମୋ ଉପରେ ହୋଇଥିବା ଐଶିବାଣୀ ଦ୍ୱାରା ଏ ଜାତିକୁ ଓ ଇସ୍‌ଲାମ୍‌କୁ ଲାଭ ହେଉଅଛି । ଏହି ସ୍ତର/ମାନକ ହେଉଛି ବହତୁ ବଡ଼ ସ୍ତର/ମାନକ ଯାହା ତାକୁ ଅଲ୍ଲାଃଙ୍କ ତରଫରୁ ହେବାର ପ୍ରମାଣ ଦେଇଥାଏ ।**

### ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

"ଦୁଃଖର କଥା ହେଉଛି ଏହା କି ଲୋକମାନେ ଛୋଟ ଛୋଟ ମାମୁଲି ଐଶିବାଣୀର ଖଣ୍ଡଗୁଡ଼ିକ ଉପରେ ଏବଂ ମାମୁଲି ସ୍ୱପ୍ନ ଦେଖି ଅହଙ୍କାରୀ ହୋଇଯାଉଛନ୍ତି ଏବଂ ଏହା ଭାବିପାରୁନାହାନ୍ତି ଯେ କେଉଁ ଐଶିବାଣୀ ଈଶ୍ୱରଙ୍କ ତରଫରୁ ପ୍ରାପ୍ତ ହୋଇଥାଏ ଓ କେଉଁ ଐଶିବାଣୀଗୁଡ଼ିକ ଶୈତାନ୍‌ର ହସ୍ତକ୍ଷେପରୁ ପବିତ୍ର ଓ ତାହାର ସ୍ତର କଣ ? ତାହାର ସ୍ତର ହେଉଛି ଏହା କି ସେହି (ଈଶ୍ୱରୀୟ ସ୍ୱର୍ଗବାଣୀ) ସହିତ ଈଶ୍ୱରଙ୍କ ସାହାଯ୍ୟ ସହଯୋଗ ରହିଥିବ । ଅଦୃଶ୍ୟ ଜ୍ଞାନର ଶକ୍ତି ଥିବ ଏବଂ ଶକ୍ତିଶାଳୀ ଭବିଷ୍ୟବାଣୀ ତା ସହିତ ଥିବ । ଅନ୍ୟଥା ତାହା ନିର୍ବୋଧ କଥା ହେବ ଯାହା ଲୋକମାନଙ୍କ ପାଇଁ ଲାଭଦାୟକ ହୋଇପାରେ ନାହିଁ । ଯଦି ଜଣେ ବ୍ୟକ୍ତି କୌଣସି ଜଲ୍‌ସାରେ ଦୂରରେ ବସି ଜଣେ ମହାନ୍ ସମ୍ରାଟଙ୍କ କଥାକୁ ଆଂଶିକ ଭାବେ ଶୁଣିନିଏ ଓ ଆସି କୁହେ ଯେ ମୁଁ ଅମୁକ ସମ୍ରାଟଙ୍କ କଥା ଶୁଣିଛି, ତେବେ ସେଥିରୁ ତାକୁ ଓ ଅନ୍ୟମାନଙ୍କୁ କଣ ଲାଭ ମିଳିବ ? ସମ୍ରାଟଙ୍କ ନିକଟତର ହେବା ଭିନ୍ନ ହୋଇଥାଏ । ଯାହାକୁ ଦେଖି ଜଣେ ଜ୍ଞାନୀ ଏହା ଘୋଷଣା କରିବାକୁ ଲାଗେ ଯେ ଅମୁକ ଲୋକ ବାସ୍ତବରେ ସମ୍ରାଟଙ୍କ ସହିତ ବାର୍ତ୍ତାଳାପ କରିଛି ଓ ସମ୍ବୋଧିତ ହୋଇଛି । ଯଦି ମୋ ଉପରେ ହୋଇଥିବା ଐଶିବାଣୀଗୁଡ଼ିକ ମଧ୍ୟ ସେହିପରି ମାମୁଲି ଓ ଅଦରକାରୀ ଖଣ୍ଡ ହୋଇଥାନ୍ତା ଏବଂ ପ୍ରତ୍ୟେକରେ ଅଦୃଶ୍ୟ ଜ୍ଞାନ ଓ ଶକ୍ତିଶାଳୀ ଭବିଷ୍ୟବାଣୀ ନଥାନ୍ତା, ତେବେ ମୁଁ ସେ ସବୁକୁ ତୁଚ୍ଛ ମଣିଥାନ୍ତି । ଲେଖ୍‌ରାମ୍ ପାଇଁ ହୋଇଥିବା ପେଶ୍‌ଗୋଇ ଭଳି ଗୋଟିଏ ପେଶ୍‌ଗୋଇ ତ ମତେ କିଏ ଭଲା ବତାଇ ଦିଅନ୍ତୁ । ମୋ ଉପରେ ହୋଇଥିବା ଐଶିବାଣୀ ଦ୍ୱାରା ଏ ଜାତିକୁ ଓ ଇସ୍‌ଲାମ୍‌କୁ ଲାଭ ହେଉଅଛି । ଏହି ସ୍ତର/ମାନକ ହେଉଛି ବହତୁ ବଡ଼ ସ୍ତର/ମାନକ ଯାହା ତାକୁ ଅଲ୍ଲାଃଙ୍କ ତରଫରୁ ହେବାର ପ୍ରମାଣ ଦେଇଥାଏ । ମୋ ସହିତ ଅଲ୍ଲାଃ ତାଲାଙ୍କର ବ୍ୟବହାର ଓ ଯୋଗାଯାଗ ଓ ସେହିପରି ନିଦର୍ଶନଗୁଡ଼ିକ ମୋ ସପକ୍ଷରେ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ । ସେଥିମଧ୍ୟରୁ କିଛି ମୋ ନିଜ ସହିତ ଜଡ଼ିତ, କିଛି ମୋ ସନ୍ତାନମାନଙ୍କ ସମ୍ବନ୍ଧରେ ଅଛି ଓ କିଛି ମୋ ପରିବାର ସହିତ ସମ୍ବନ୍ଧିତ, କିଛି ମୋ ସାଙ୍ଗସାଥିମାନଙ୍କ ସମ୍ବନ୍ଧରେ ରହିଛି, କିଛି ମୋ ବିରୋଧିମାନଙ୍କ ସମ୍ବନ୍ଧରେ ଓ କିଛି ସର୍ବସାଧାରଣ ମାନବଜାତି ସହିତ ସମ୍ବନ୍ଧିତ ରହିଛି ।"

***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୨୮୧ ମୁଦ୍ରଣ ପ୍ରକାଶନ ୨୦୧୮ କାଦିୟାନ)***

**ବାଇବେଲ୍ ଆଧାରରେ ପବିତ୍ର କୁର୍‌ଆନ୍ ଉପରେ ଆପତି କରିବା ଆଶ୍ଚର୍ଯ୍ୟଜନକ । ଆମେ ଅବଶ୍ୟ ବାଇବେଲ୍‌ର କିଛି ରିୱାୟତକୁ ଐତିହାସିକ ସାକ୍ଷ୍ୟ ରୂପେ କୋଟ୍ କରିଥାଉଁ କିନ୍ତୁ ଏହା ସେତେବେଳେ ହୋଇଥାଏ ଯେତେବେଳେ ତାହା ବୁଦ୍ଧି ଏବଂ ଅନ୍ୟାନ୍ୟ ଇତିହାସ ବା ପବିତ୍ର କୁର୍‌ଆନ୍ ମୁତାବକ ହୋଇଥାଏ ।**

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ସୁରଃ ୟୁସୁଫ୍‌ର ଆୟତ ନଂ-୮୧ର ବ୍ୟାଖ୍ୟା କରି କହିଛନ୍ତି:

କବିରୁହୁମ୍ ଶବ୍ଦଟି ଯେଉଁ ଭାଇ ସମ୍ବନ୍ଧରେ ଆସିଛି, ସେଥିରୁ ଜଣାପଡୁଛି ଯେ ତାଙ୍କ ମନ ଭିତରେ କି ପ୍ରକାରର ଈଶ୍ୱର ଭୟ ଥିଲା । କାରଣ ପ୍ରଥମତଃ ସେ ନିଜ ବାପାଙ୍କ ସହିତ ବିଶ୍ୱାସଘାତକତା ନ କରିବା ପାଇଁ ଭାଇମାନଙ୍କୁ ଡ଼ରାଉଛି ଦ୍ୱିତୀୟତଃ ନିଜ ପ୍ରତିଜ୍ଞାକୁ ପାଳନ କରିବା ପାଇଁ ଜିଦ୍ ଧରିଲେ ଯେ ଯେପର୍ଯ୍ୟନ୍ତ ମୋ ବାପା ଅନୁମତି ନ ଦେଇଛନ୍ତି ବା ଈଶ୍ୱର ହିଁ କୌଣସି ନିଷ୍ପତି ନ କରିଛନ୍ତି ସେ ପର୍ଯ୍ୟନ୍ତ ମୁଁ ଏଠାରୁ ଯିବି ନାହିଁ । ଖୁଦାତାଲାଙ୍କ ନିଷ୍ପତିର ଅର୍ଥ ଏହା ହୋଇପାରେ ଯେ ତାଙ୍କ ମନରେ ଏକଥା ଥିବ ଯେ କିପରି ବିନ୍‌ୟାମିନ୍ ମୁକୁଳି ଯାଆନ୍ତୁ ଓ ମୁଁ ତାଙ୍କୁ ସାଥିରେ ଧରି ଫେରିଯିବି ।

ହଜ୍‌ରତ୍ ୟୁସୁଫ୍‌ଙ୍କ ସବୁଠାରୁ ବଡ଼ ଭାଇଙ୍କ ନାମ ରୋବନ୍ ଥିଲା । ବାଇବେଲ୍ ଅନୁସାରେ ଯେଉଁ ଭାଇ ସେହି ଘଟଣା ସମୟରେ ଘରକୁ ଫେରିଯିବାକୁ ମନା କରିଥିଲା, ତା'ର ନାମ ୟୁହୁଦା ଥିଲା ଓ ସେ ଭାଇମାନଙ୍କ ମଧ୍ୟରେ ଚତୁର୍ଥ ନମ୍ବରରେ ଥିଲା । ଖ୍ରୀଷ୍ଟିଆନ୍ ଲେଖକମାନେ ଏଠାରେ ଆପତି କରୁଛନ୍ତି ଯେ ପବିତ୍ର କୁର୍‌ଆନ୍‌ର ଲେଖକଙ୍କୁ ତାରିଖର ମଧ୍ୟ ଜ୍ଞାନ ନାହିଁ । ସେ ୟହୁଦାର କଥାକୁ ରୋବନ ଆଡ଼କୁ ଦର୍ଶାଇଛନ୍ତି । ଖ୍ରୀଷ୍ଟିଆନ୍ ଲେଖକମାନଙ୍କର ଏପରି ଆପତି ଅଭିଯୋଗ ଉପରେ ସର୍ବାଦ ଆଶ୍ଚର୍ଯ୍ୟ ଲାଗିଥାଏ । ସେମାନେ ବାଇବେଲ୍‌ର କଥାକୁ ଏପରି କହିଥାନ୍ତି ଯେପରି ତାହା ସବୁଠାରୁ ଅଧିକା ପ୍ରାଧିକୃତ ଐତିହାସିକ ପୁସ୍ତକ । ଯେବେକି ଖୁଦ ଖ୍ରୀଷ୍ଟିଆନମାନଙ୍କ ଲିଟରେଚର ଏପରି ପ୍ରମାଣରେ ଭରି ରହିଛି ଯାହା ଐତିହାସିକ ରୂପେ ବାଇବେଲ୍‌ର ସ୍ଥିତିକୁ ବହୁତ ଖରାପ କରିଦେଉଛି । ପୁରୁଣା ଇତିହାସକୁ ଅଲଗା ରଖନ୍ତୁ । ମୁସା ଆ:ସଙ୍କ ପୁସ୍ତକରେ ମୁସା ଆ:ସଙ୍କ ଯାତ୍ରା ସମୟରେ ଯେଉଁ ପରିସ୍ଥିତି ଦରଜ କରାଯାଇଅଛି, ଖ୍ରୀଷ୍ଟିଆନ୍ ଗବେଷକମାନେ ନିଜେ ତାହାର ଶୁଦ୍ଧତା ବିଷୟରେ ନିଶ୍ଚିତ ନୁହନ୍ତି । ଭୌଗଳିକ ଏବଂ ସେହି ଯୁଗର ଅନ୍ୟାନ୍ୟ ଇତିହାସରୁ ଏବଂ ଖୁଦ୍ ବାଇବେଲ୍‌ର ଆଭ୍ୟନ୍ତରୀଣ ସାକ୍ଷ୍ୟଗୁଡ଼ିକ ସେହି ପରିସ୍ଥିତିକୁ ଘଟଣାର ବିପରୀତ ବୋଲି ଅଭିହିତ କରୁଛନ୍ତି । ଏହିଭଳି ପୁସ୍ତକରେ ଥିବା ରିୱାୟତ୍ (ବର୍ଣ୍ଣନା) ଆଧାରରେ ପବିତ୍ର କୁର୍‌ଆନ୍ ଉପରେ ଆପତି କରିବା

## ନବୀ ସ:ଆ:ସଙ୍କ ବାଣୀ

(୧୧୭୮) ହଜ୍‌ରତ୍ ଅବୁଜର୍ (ଗଫ୍‌ଫାରି) ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ କହିଲେ: ମୋ ପ୍ରଭୁଙ୍କ ତରଫରୁ ଜଣେ ଆସି ମତେ ବତାଇଲେ ବା ଆପଣ ସ:ଆ:ସ ଏହା କହିଲେ କି ସେହି (ଦୂତ) ଜଣଙ୍କ ଆସି ମତେ ସୁସମାଚାର ଦେଲେ ଯେ ମୋ ସମ୍ପ୍ରଦାୟରୁ ଯିଏ ଏପରି ଅବସ୍ଥାରେ ମୃତ୍ୟୁବରଣ କରିବ କି ସେ ଅଲ୍ଲାଃଙ୍କ ସହିତ କୌଣସି ବସ୍ତୁକୁ ମଧ୍ୟ ଶରିକ (ଅର୍ଥାତ ସମକକ୍ଷ) କରୁନଥିବ, ତା'ହେଲେ ସେ ବୈକୁଣ୍ଠରେ ପ୍ରବେଶ କରିବ ।

(୧୨୩୮) ହଜ୍‌ରତ୍ ଅବ୍‌ଦୁଲ୍ଲାଃ (ବିନ୍ ମସ୍‌ଉଦ୍) ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ କହିଲେ ଯିଏ ଅଲ୍ଲାଃଙ୍କ ସହିତ ଅନ୍ୟ କାହାକୁ ସମକକ୍ଷ କରି ମରିବ ସେ ନର୍କରେ ପଡ଼ିବ ଏବଂ ମୁଁ (ଅର୍ଥାତ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ) କହୁଛି: ଯେଉଁ ବ୍ୟକ୍ତି ଏଭଳି ଅବସ୍ଥାରେ ମୃତ୍ୟୁବରଣ କରୁଥିବ ଯେ ସେ କାହାକୁ ମଧ୍ୟ ଅଲ୍ଲାଃ ତାଲାଙ୍କ ସମକକ୍ଷ କରୁନଥିବ, ତାହେଲେ ସେ ବୈକୁଣ୍ଠରେ ପ୍ରବେଶ କରିବ ।

(୧୨୩୯) ହଜ୍‌ରତ୍ ବରାଅ (ବିନ୍ ଆଜିବ୍ ର:ଅ)ଙ୍କଠାରୁ ବର୍ଣ୍ଣିତ ଅଛି ଯେ ଆମକୁ ରସୁଲୁଲ୍ଲାଃ ସ:ଆ:ସ ସାତଟି କଥା କରିବାକୁ ନିର୍ଦ୍ଦେଶ ଦେଲେ ଯେ, ଆମେ ଯନାଜାଃ ସହିତ ଯିବୁ, ରୋଗୀମାନଙ୍କୁ ଦେଖା କରିବୁ, ନିମନ୍ତ୍ରଣକାରୀଙ୍କ ନିମନ୍ତ୍ରଣ ଗ୍ରହଣ କରିବୁ, ଦଳିତ ଓ ନିଷ୍ପେଷିତମାନଙ୍କୁ ସାହାଯ୍ୟ କରିବୁ, ପ୍ରତିଶ୍ରୁତିକୁ ପୂରଣ କରିବୁ, ସଲାମ୍‌ର ଉତର ଦେବୁ, ଛିଙ୍କୁଥିବା ବ୍ୟକ୍ତିଙ୍କ ପାଇଁ ପ୍ରାର୍ଥନା କରିବୁ ଏବଂ ରୂପା ପାତ୍ର, ସୁନା ମୁଦି, ରେଶମ କପଡ଼ା, ଦିବାଜ୍, କୁସି ଏବଂ ଇସ୍‌ତବ୍‌ରକ୍ (ପିନ୍ଧିବାରୁ ) ଆମକୁ ମନା କଲେ । ***(ସହି ବୁଖାରୀ, ଖଣ୍ଡ-୨, କିତାବୁଲ୍ ଜନାଇଯ୍, ମୁଦ୍ରଣ କାଦିଆନ୍-୨୦୦୬)***

ଆଶ୍ଚର୍ଯ୍ୟଜନକ । ଆମେ ଅବଶ୍ୟ ବାଇବେଲ୍‌ର କିଛି ରିୱାୟତକୁ ଐତିହାସିକ ସାକ୍ଷ୍ୟ ରୂପେ କୋଟ୍ କରିଥାଉଁ କିନ୍ତୁ ଏହା ସେତେବେଳେ ହୋଇଥାଏ ଯେତେବେଳେ ତାହା ବୁଦ୍ଧି ଏବଂ ଅନ୍ୟାନ୍ୟ ଇତିହାସ ବା ପବିତ୍ର କୁର୍‌ଆନ୍ ମୁତାବକ ହୋଇଥାଏ । ନଚେତ ବାଇବେଲ୍‌ରେ ଏତେମାତ୍ରାରେ ବାହ୍ୟ ହସ୍ତକ୍ଷେପ କରାଯାଇଛି ଯେ ତା'ର ଇତିହାସ ମଧ୍ୟ ସୁରକ୍ଷିତ ନାହିଁ ବୋଲି କୁହାଯାଇପାରିବ । ସୁତରାଂ ଏହିଭଳି ପରିସ୍ଥିତିରେ ବାଇବେଲ୍‌ର ସାକ୍ଷ୍ୟ ଅନୁଯାୟୀ ପବିତ୍ର କୁର୍‌ଆନ୍ ଉପରେ କୌଣସି ଆପତି ଅଭିଯୋଗ କରାଯାଇପାରିବ ନାହିଁ । ଯେମିତି ଇହୁଦୀ ଇତିହାସ ଦ୍ୱାରା ବତାଇଯାଇଥିବା ଘଟଣାବଳୀ ଏବେ ଗବେଷଣା ଦ୍ୱାରା ସଠିକ୍ ପ୍ରମାଣିତ ହେଉଅଛି ଯେବେ କି ଇହୁଦୀଙ୍କ ଇତିହାସର ବର୍ଣ୍ଣନାଗୁଡ଼ିକ ଭୁଲ ପ୍ରମାଣିତ ହୋଇଥାଏ । ଉଦାହରଣ ସ୍ୱରୁପ ହାରୁନ୍‌ଙ୍କର ବାଛୁରୀକୁ ପୂଜା କରିବା, ମୁସାଙ୍କ ସମୟର ଫିରୌନ୍‌ର ମୃତଶରୀର ସୁରକ୍ଷିତ ରହିବା ଇତ୍ୟାଦି ।

କିନ୍ତୁ ଯଦି ଆମେ ଏ ସମ୍ବନ୍ଧରେ ତୌରିୟତ୍‌ର ବର୍ଣ୍ଣନାକୁ ସଠିକ୍ ବୋଲି ବୁଝିନେବା ତେବେ ମଧ୍ୟ କୌଣସି ଆପତି ହେବନାହିଁ । ଏଥିପାଇଁ କି ପବିତ୍ର କୁର୍‌ଆନ୍ କବିରୁହୁମ୍ କହିଛି ଅକ୍‌ବରୁହୁମ୍ କହିନାହିଁ । ବାରଜଣ ପୁଅ ମଧ୍ୟରୁ ଚତୁର୍ଥ ପୁଅକୁ ମଧ୍ୟ ନିଶ୍ଚିତ ରୂପେ କବିର୍ କୁହାଯାଇପାରେ । କାରଣ କବିର୍‌ର ଅର୍ଥ କେବଳ ବଡକୁ ବୁଝାଏ ନା କି ସମସ୍ତଙ୍କଠାରୁ ବଡ଼ । ଏତଦ୍ ବ୍ୟତିତ ବାଇବଲେ୍ ଓ ପବିତ୍ର କୁର୍‌ଆନ୍‌ର ବର୍ଣ୍ଣନାରେ ସମାନତା ଏପରି ମଧ୍ୟ ଦିଆଯାଇପାରେ ଯେ କବିର୍‌ର ଅର୍ଥ ବୟସରେ ବଡ଼ ବୋଲି ଧରାନଯାଇ ପଦବୀରେ ବଡ଼ ଧରାଯାଉ । ଅତଏବ **କାଲା ଲନ୍ ଉର୍‌ସିଲହୁ ମାଆକୁମ୍** ଆୟତ ଅନ୍ତର୍ଗତ ମୁଁ ପ୍ରମାଣ କରି ଆସିଛି ଯେ ହଜ୍‌ରତ୍ ୟାକୁବ୍‌ଙ୍କୁ ୟହୁଦା ଉପରେ ଯେଉଁ ଭରସା ଥିଲା ତାହା ରୋବନ୍ ଉପରେ ନଥିଲା । ବିନ୍ ୟାମିନ୍‌ଙ୍କୁ ସେ ୟହୁଦାଙ୍କ ଜମାନତ୍‌ରେ ମଧ୍ୟ ପଠାଇଥିଲେ । ଅତଏବ୍ ଏହି ମାମଲାରେ ୟହୁଦା ହିଁ ସମସ୍ତଙ୍କ ଅପେକ୍ଷା ବଡ଼ ଥିଲେ । ***(ତଫ୍‌ସିର କବୀର, ଖଣ୍ଡ-୩, ପୃ-୩୪୬ ମୁଦ୍ରଣ କାଦିଆନ୍ ୨୦୧୦)***

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

ଜନସଂଖ୍ୟା ହେଉଛି ସାତ ଲକ୍ଷ । ଏହି ସହରର ପ୍ରଶିଦ୍ଧି ବିଶେଷରୂପେ ଏହାର ପୂରାତନ ହେବା ଯୋଗୁଁ ହିଁ ବହୁମାତ୍ରାରେ ରହିଛି ଓ ଏହା ୭୪୪ ମସିହାରେ ତିଆରି ହୋଇଥିଲା । ଏହି ସହରକୁ Saint Boniface ବନାଇଥିଲେ ଯିଏ ବାସ୍ତବରେ ଖ୍ରୀଷ୍ଟିଆନିଜିମ୍‌କୁ ଜର୍ମାନୀର ଇଲାକାରେ ଆଣିଥିଲେ । ସେହିଭଳି ଏହି ସହରଟି ନିଜର ମ୍ୟୁଜିୟମ୍ ଯୋଗୁଁ ବହୁତ ପ୍ରଶିଦ୍ଧ । ଏତଦ୍‌ବ୍ୟତିତ ଏହି ସହରରେ ବହୁତ ଗୁଡିଏ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହୋଇଅଛି । ସେଥି ସକାଶେ ଏହି ସହରଟି ବିଶେଷ ଭାବରେ ବିଦ୍ୟାର୍ଥିମାନଙ୍କ ପାଇଁ ଏକ ଆଗ୍ରହର କେନ୍ଦ୍ର ପାଲଟିଛି ।

ଅମୀର ସାହେବ୍ ଏହି ନୂଆ ମସ୍‌ଜିଦ୍ ସମ୍ବନ୍ଧରେ ବତାଇଲେ ଯେ, ୨୦୦୯ ମସିହାରୁ ମସ୍‌ଜିଦ୍ ନିମନ୍ତେ ଯମାତ୍ ଗୋଟିଏ ଜାଗା ଖୋଜୁଥିଲା । ଶେଷରେ ୨୦୧୩ ମସିହାରେ ଏହି ସ୍ଥାନଟି ମିଳିଗଲା ଓ ଏହାକୁ ଖରିଦ୍ କରାଗଲା । ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟ ଡ଼ିସେମ୍ବର ୨୦୧୬ ମସିହାରେ ଆରମ୍ଭ ହେଲା । ୨୬ ଜୁନ୍ ୨୦୧୩ ମସିହା ଦିନ ହଜୁର ଅନଓ୍ୱର ଅ:ବ:ଅ ବଇତୁଲ୍ ହମିଦ୍‌ର ମୂଳଦୁଆ ରଖିଥିଲେ । ମସ୍‌ଜିଦ୍‌ରେ ମୋଟ ୧.୬ ମିଲିୟନ ୟୁରୋ ଖର୍ଚ୍ଚ ହୋଇଅଛି ଏବଂ ଏହାର ଅଧିକାଂଶ ଅର୍ଥ ଫୁଲଡ଼ା ଯମାତ୍ ହିଁ ବହନ କରିଛି । ଶେଷରେ ଅମୀର ସାହେବ ଏହି ଉତ୍ସବରେ ଯୋଗ ଦେଇଥିବା ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ଜଣାଇଲେ । ତା'ପରେ Sara Kautzsch ସାହିବା ନିଜର ଅଭିଭାଷଣ ଉପସ୍ଥାପନ କଲେ । ସେ ହେଉଛନ୍ତି ଲୁଥର ଚର୍ଚ୍ଚ ଫୁଲ୍‌ଡ଼ାର ଚେୟାରମ୍ୟାନ ।

ସେ ନିଜର ଅଭିଭାଷଣରେ ସମସ୍ତଙ୍କୁ ସ୍ୱାଗତ ଜଣାଇଲେ ଓ ସଲାମ୍ କହିଲେ । ତତ୍‌ସହିତ ନିଜର ଖୁସୀ ବ୍ୟକ୍ତ କଲେ ଯେ, ଯମାତ୍‌ର ଏହି ମସ୍‌ଜିଦ୍‌ଟି ଲୁଥର ଚର୍ଚ୍ଚ ନିକଟରେ ଅବସ୍ଥିତ । ଏହି ଦୃଷ୍ଟିକୋଣରୁ ଆମର ଏ କର୍ତବ୍ୟ ହେଉଛି ଯେ, ଆମେ ଏ ଇଲାକାରେ ରହୁଥିବା ସମସ୍ତ ଲୋକମାନଙ୍କର ଅସୁବିଧାକୁ ଦୂର କରିବାପାଇଁ ସାହାଯ୍ୟ କରିବା । ସେଥି ସକାଶେ ଆମକୁ ମିଳିମିଶି କାମ କରିବାକୁ ହେବ ଏବଂ ଲୋକମାନଙ୍କୁ ଈଶ୍ୱରଙ୍କ ନିକଟକୁ ଆଣିବାକୁ ହେବ କାରଣ ଆମେ ସମସ୍ତେ ଈଶ୍ୱରଙ୍କ ଉପରେ ଇମାନ୍ ଆଣିଛେ ଓ ତାହାଙ୍କ ଉପାସନା ମଧ୍ୟ କରୁଅଛେ । ଏହିଭଳି ଶାନ୍ତି ସ୍ଥାପନ ହୋଇପାରିବ ।

ସେ ପୁଣି ଅନ୍ୟ ଇସାଇ ଯମାତ୍ ମାନଙ୍କ ତରଫରୁ ସଲାମ୍ ଓ ଶୁଭେଛା ଜଣାଇଲେ ଏବଂ କହିଲେ ଯେ, ଆଶା କରୁଛୁ କି ଏହି ମସ୍‌ଜିଦ୍ ସ୍ଥାପନ ହେବା ଦ୍ୱାରା ଫୁଲ୍‌ଡ଼ାଠାରେ ଏବେ ଆହୁରି ଅଧିକ ଶାନ୍ତି ସ୍ଥାପନ ହେବ । ଶେଷରେ ସେ ଯମାତ୍ ଅହେମଦୀୟାକୁ ଏହି ମସ୍‌ଜିଦ୍ ନିର୍ମାଣ ସମ୍ପୁର୍ଣ୍ଣ ହେବା ଯୋଗୁଁ ଶୁଭେଛା ଜଣାଇଲେ ଏବଂ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଏହି ମଉକାରେ ଗୋଟିଏ ଉପହାର ପ୍ରଦାନ କଲେ ।

ତା'ପରେ Kurt Albrecht ସାହେବ ନିଜର ବକ୍ତବ୍ୟ ଉପସ୍ଥାପନ କଲେ । ସେ ମହାଶୟ Roundtable of Religions Fulda ର ଚେୟାରମ୍ୟାନ ଅଛନ୍ତି । ସେ ସର୍ବପ୍ରଥମେ ଉପସ୍ଥିତ ଲୋକମାନଙ୍କୁ ସ୍ୱାଗତମ୍ ଜଣାଇଲେ ଏବଂ ଧନ୍ୟବାଦ ଦେଲେ ଯେ, ତାଙ୍କୁ ମଧ୍ୟ ଏହି ସଭାରେ ବକ୍ତବ୍ୟ ଦେବାପାଇଁ ଅବସର ଦିଆଯାଇଅଛି । ସେ କହିଲେ ଯେ, ଫୁଲ୍‌ଡ଼ା ସହରରେ ଶହେରୁ ଅଧିକ ଦେଶର ଲୋକମାନେ ଏକାଠି ମିଳିମିଶି ରହୁଛନ୍ତି । ଏହି ସମସ୍ତ ଲୋକମାନଙ୍କର ସମ୍ବନ୍ଧ ଭିନ୍ନ ଭିନ୍ନ ଧର୍ମ ସହିତ ରହିଛି । ତେଣୁ ଏଭଳି ଏକ ସଂଘଠନର ଆବଶ୍ୟକ ଥିଲା ଯିଏ ସମସ୍ତଙ୍କୁ ସାଥିରେ ନେଇ ଚାଲିବ ।

ପୁଣି ସେ କହିଲେ ଯେ, Roundtable of Religions Fulda ର ଉଦ୍ଦେଶ୍ୟ ସମ୍ପୁର୍ଣ୍ଣରୁପେ ଏହା ଯେ, ବିଭିନ୍ନ ଧର୍ମର ଲୋକମାନେ ମିଶି ବସନ୍ତୁ ପ୍ରେମ ଏବଂ ଭଲ ପାଇବା ସହିତ ଏହି ସହରରେ ବସବାସ କରନ୍ତୁ । ତା'ପରେ ସେ ନିଜର ଏହି ସଂଘଠନର ପରିଚୟ ଦେଇ କହିଲେ ଯେ, ଅହେମଦୀୟା ମୁସ୍‌ଲିମ୍ ଯମାତ୍ ମଧ୍ୟ ଆରମ୍ଭରୁ ହିଁ ଏହି ସଂଘଠନ ସହିତ ସାମିଲ ଅଛି । ଏତେପ୍ରକାରର ଧର୍ମ ଏବଂ ବିଭିନ୍ନ ସମ୍ପ୍ରଦାୟର ଲୋକମାନେ ଯେତେବେଳେ ଏକାଠି ହୋଇଥାନ୍ତି ସେତେବେଳେ ସବୁଠାରୁ ଜରୁରୀ କଥା ଏହା ହୋଇଥାଏ ଯେ, ଆପୋଷରେ ଭାଇଚାରା ସୃଷ୍ଟି ହେଉ ଏବଂ ଯେଉଁ କଥାଗୁଡିକ ଉଭୟ ପକ୍ଷଙ୍କର ଏକାପରି ହୋଇଥାଏ ସେହି କଥା ଉପରେ ଜୋର୍ ଦିଆଯାଉ । ପୁଣି ସେ କହିଲେ ଯେ, ଏ କଥାକୁ ମଧ୍ୟ ବିଶେଷ ରୂପେ ଧ୍ୟାନ ଦେବା ଉଚିତ ଯେ, ମାନବିକ ମୂଲ୍ୟବୋଧକୁ ଦେଖାଯାଉ ତେବେ ଯାଇ ସବୁଲୋକେ ପ୍ରେମ ଏବଂ ଶାନ୍ତିର ସହିତ ଏକାଠି ରହିପାରିବେ । ଶେଷରେ ସେ କହିଲେ ଯେ, ଆଜି ଆପଣମାନଙ୍କ ଯମାତ୍ ପାଇଁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦିନ ଅଟେ ଏବଂ ଆଶା ଅଛି ଯେ, ଆପଣମାନଙ୍କୁ ଏବେ ଏପରି ଏକ ଘର ମିଳିଯାଇଥିବ ଯେଉଁଥିରେ ଆପଣମାନେ ନିଜ ଆବଶ୍ୟକ ମୁତାବକ ନିଜର ପ୍ରୋଗ୍ରାମଗୁଡ଼ିକୁ ମଧ୍ୟ ଅନୁଷ୍ଠିତ କରିପାରିବେ ।

*କ୍ରମଶଃ......*

## ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖ୍‌ବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବୱିୟା (ନବୀ ସ:ଆ:ସଙ୍କର କଥନ), ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଅୁୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୁୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି ।  ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଳ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍  ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ ।

(ବଦର କାର୍ଯ୍ୟାଳୟ)

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ  ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

ଅବୁ ଅବ୍‌ଦୁଲ୍ଲାଃ ହଜ୍‌ରତ୍ ଉସ୍‌ମାନ୍ ର:ଅ......... ମୋ ସାହାବାମାନଙ୍କ ମଧ୍ୟରୁ ଚରିତ୍ର ଦୃଷ୍ଟିକୋଣରୁ ମୋ ସହିତ ସମସ୍ତଙ୍କଠାରୁ ଅଧିକା ସାମଞ୍ଜସ୍ୟ ରଖିଛନ୍ତି (ଅଲ୍‌ହଦିସ୍)

**ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ ପଦମର୍ଯ୍ୟାଦା ସମ୍ପନ୍ନ ଖଲିଫା ରାଶିଦ୍ ଜୁନ୍ ନୁରେନ୍ ହଜ୍‌ରତ୍ ଉସ୍‌ମାନ୍ ବିନ୍ ଅଫାନ୍ ର:ଅଙ୍କ ବିଶେଷ ଗୁଣାବଳୀର ଚର୍ଚ୍ଚା ।**

ମସ୍‌ଜିଦ୍ ନବଓ୍ୱି ସ:ଆ:ସର ସମ୍ପ୍ରସାରଣ ସୟନ୍ଧରେ ବିଭିନ୍ନ ରିଓ୍ୱାୟତର ବିସ୍ତୃତ ବିବରଣୀ

ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କ ସାହାବାମାନଙ୍କ ମଧ୍ୟରେ କଥାକୁ ସମ୍ପୂର୍ଣ୍ଣରୂପେ ଓ ସୁନ୍ଦର ଭାବରେ ବର୍ଣ୍ଣନା କରିବାରେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କଠାରୁ ଉତମ ବ୍ୟକ୍ତି ଆଉ କାହାକୁ ଦେଖିନାହିଁ । ଯଦିଚ ସେ ବହୁତ କମ୍ କଥା ହୁଅନ୍ତି ।

ହଜ୍‌ରତ୍ ମୁହମ୍ମଦ ସ:ଆ:ସ କହିଲେ ଯେ ମୁଁ ମୋ ପ୍ରୀୟ ପାଳନକର୍ତାଙ୍କଠାରୁ ଏ ଦୁଆ ମାଗିଛି ଯେ ସେ ଏପରି କୌଣସି ବ୍ୟକ୍ତିଙ୍କୁ ନର୍କରେ ନ ପକାନ୍ତୁ ଯିଏ ମୋର ଜ୍ୱାଇଁ ହୋଇଥିବେ ଓ ମୁଁ ଯାହାର ଜ୍ୱାଇଁ ହୋଇଥିବି ।

ଚାରିଜଣ ମରହୁମୀନ୍ (ମୃତକ) ମୁବଶିର୍ ଅହେମଦ୍ ରିନ୍ଦ୍ ସାହେବ ଇବ୍‌ନେ ଅହେମଦ୍ ବଖ୍‌ଶ୍ ସାହେବ୍ ମୁଅଲ୍ଲିମ୍ ଓ୍ୱକ୍‌ଫେ ଜଦିଦ୍, ମୋକରମ୍ ମୁନୀର୍ ଅହ୍‌ମଦ୍ ଫର୍ଖ ସାହେବ ପୂର୍ବତନ ଅମୀର ଯମାତ୍ ଇସ୍‌ଲାମାବାଦ୍ (ପାକିସ୍ତାନ), ବିଗ୍ରେଡ଼ିୟର ରିଟାଏଡ ମୁହମ୍ମଦ ଲତିଫ୍ ସାହେବ ପୂର୍ବତନ ଅମୀର ଜିଲ୍ଲା ରାଓ୍ୱଲ୍‌ପିଣ୍ଡି ଏବଂ ମୋକରମ୍ କୋନୋକ୍ ଉମର ବେକୁଫ୍ ସାହେବ ଅଫ୍ କିର୍ଗିଜ୍‌ସ୍ତାନଙ୍କ ଉତମ ଗୁଣାବଳୀର ବର୍ଣ୍ଣନା ଓ ନମାଜ ଯନାଜାଃ ଗାଏବ୍ ପାଠ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ:ବ]**
**(ପ୍ରଦତ୍ତ: ୧୯ ମାର୍ଚ୍ଚ ୨୦୨୧ ଅନୁଯାୟୀ ୧୯ ଅମାନ୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيْكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- اَلرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- إِيَّاكَ نَعْبُدُ وَإِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସମ୍ପର୍କରେ ଚର୍ଚ୍ଚା ଅବ୍ୟାହତ ରହିଛି । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ତାଙ୍କ ଶାହାଦତ୍ ପରବର୍ତୀ ଘଟଣା ସମ୍ପର୍କରେ ସଂକ୍ଷେପରେ ଉଲ୍ଲେଖ କରିଛନ୍ତି । ଅତଏବ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କହୁଛନ୍ତି ଯେ, ସେହି ଉପଦ୍ରବୀ ତଥା ବିଦ୍ରୋହୀ ହତ୍ୟାକାରୀମାନେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ଶହୀଦ୍ ତ' କରି ଦେଇଥିଲେ ଏବଂ ତାଙ୍କର ମରଶରୀରକୁ କବର ଦେବା ପାଇଁ ମଧ୍ୟ ସେମାନେ ଆପତି ପ୍ରକାଶ କରିଥିଲେ । ଯଦ୍ୱାରା ତିନି ଦିନ ପର୍ଯ୍ୟନ୍ତ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ମର ଶରୀରକୁ କବର ଦିଆଯାଇ ପାରି ନଥିଲା । ଶେଷରେ ସାହାବାମାନଙ୍କର ଗୋଟିଏ ଦଳ ସାହସ କରି ରାତିବେଳା ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ଦଫନ (ଅର୍ଥାତ କବର) ଦେଲେ । ସେହି ସାହାବାମାନଙ୍କ ରାସ୍ତାରେ ମଧ୍ୟ ସେମାନେ ପ୍ରତିବନ୍ଧକ ସାଜିଲେ କିନ୍ତୁ କେତେକ ସାହାବା ସେମାନଙ୍କୁ କଠୋରତାର ସହିତ ଧମକ ଦେବାରେ ସେମାନେ ଦବି ଗଲେ ।

***(ଇସ୍‌ଲାମ୍ ମେଁ ଏଖ୍‌ତେଲାଫାତ୍ କା ଆଗାଜ୍, ଅନଓ୍ୱାରୁଲ ଉଲୁମ୍, ଖଣ୍ଡ-୪, ପୃ-୩୩୩)***

ହଜ୍‌ରତ୍ ଅବୁ ମୁସା ଅଶଅରୀ ର:ଅ ବର୍ଣ୍ଣିକା କରିଛନ୍ତି ଯେ, ନବୀ କରିମ୍ ସ:ଆ:ସ ଏକ ଉଦ୍ୟାନରେ ପ୍ରବେଶ କଲେ ଏବଂ ମୋତେ ଉଦ୍ୟାନର ଦ୍ୱାର ଆଗରେ ପହରା ଦେବାପାଇଁ ଆଦେଶ ଦେଲେ । ଠିକ୍ ସେହି ସମୟରେ ଜଣେ ବ୍ୟକ୍ତି ଆସିଲେ ଏବଂ ଭିତରକୁ ପ୍ରବେଶ କରିବା ପାଇଁ ଅନୁମତି ଲୋଡ଼ିଲେ । ଆଁ ହଜ୍‌ରତ୍ ସ:ଆ:ସ କହିଲେ ତାଙ୍କୁ ଭିତରକୁ ଆସିବାକୁ ଦିଅ ! ଏବଂ ସେହି ବ୍ୟକ୍ତିଙ୍କୁ ବୈକୁଣ୍ଠବାସୀ ହେବାର ଶୁଭ ସମାଚାର ପ୍ରଦାନ କର । ମୁଁ ଏହା ଅବଲୋକନ କଲି ଯେ, ସେହି ବ୍ୟକ୍ତି ହେଉଛନ୍ତି ହଜ୍‌ରତ୍ ଅବୁ ବକର ର:ଅ । ପୁନଶ୍ଚ ଆଉ ଜଣେ ବ୍ୟକ୍ତି ଆସିଲେ ଏବଂ ଭିତରକୁ ଆସିବାକୁ ଅନୁମତି ଲୋଡ଼ିଲେ । ପ୍ରତ୍ୟୁତରରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ତାଙ୍କୁ ଆସିବାକୁ ଦିଅ ଏବଂ ସେହି ବ୍ୟକ୍ତିଙ୍କୁ ବୈକୁଣ୍ଠବାସୀ ହେବାର ଶୁଭ ସମାଚାର ପ୍ରଦାନ କର । ଅତଏବ ମୁଁ ଏହା ଅବଲୋକନ କଲି ଯେ, ସେହି ବ୍ୟକ୍ତି ହେଉଛନ୍ତି ହଜ୍‌ରତ୍ ଉମର ର:ଅ । ଏତଦ୍‌ପରେ ଆଉ ଜଣେ ବ୍ୟକ୍ତି ଆସିଲେ ସେ ମଧ୍ୟ ଭିତରକୁ ଆସିବା ପାଇଁ ଅନୁମତି ଲୋଡ଼ିଲେ । ପ୍ରତ୍ୟୁତରରେ ଆଁ ହଜ୍‌ରତ୍ ସ:ଆ:ସ କିଛିକ୍ଷଣ ନୀରବ ରହିଲେ ଏବଂ କହିଲେ ସେହି ବ୍ୟକ୍ତିଙ୍କୁ ଭିତରକୁ ଆସିବାକୁ ଦିଅ ଏବଂ ତାହାଙ୍କୁ ସ୍ୱର୍ଗବାସୀ ହେବାର ଶୁଭ ସମାଚାର ଦିଅ । କିନ୍ତୁ ଉକ୍ତ ବ୍ୟକ୍ତି ଜଣକ ଏକ ମହା ବିପତିର ସମ୍ମୁଖୀନ ହେବେ । ଅତଏବ ମୁଁ ଅବଲୋକନ କଲି ଯେ, ସେହି ବ୍ୟକ୍ତି ହେଉଛନ୍ତି ହଜ୍‌ରତ୍ ଉସ୍‌ମାନ ର:ଅ ।

***(ସହି ବୁଖାରୀ, କିତାବୁଲ୍ ଫଜାଇଲ୍..... ଉସ୍‌ମାନ୍ ବିନ୍ ଅଫାନ୍ ର:ଅ.... ହଦିସ୍ ୩୬୯୫)***

ହଜ୍‌ରତ୍ ଅନସ୍ ର:ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ନବୀ କରିମ୍ ସ:ଆ:ସ ଉହଦ୍ ପର୍ବତ ଉପରେ ଚଢ଼ିଲେ ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ହଜ୍‌ରତ୍ ଅବୁ ବକର, ହଜ୍‌ରତ୍ ଉମର ର:ଅ ଓ ହଜ୍‌ରତ୍ ଉସ୍‌ମାନ ର:ଅ ଥିଲେ । ଅତଏବ ଉହଦ୍ ପର୍ବତ ଅନ୍ଦୋଳିତ ହେବାକୁ ଲାଗିଲା, ତେଣୁ ଆଁ ହଜ୍‌ରତ୍ ସ:ଆ:ସ କହିଲେ ରହିଯା ହେ ଉହଦ୍ ପର୍ବତ ! ବର୍ଣ୍ଣନାକାରୀ କହନ୍ତି ଯେ, ଆଁ ହଜ୍‌ରତ୍ ସ:ଆ:ସ ବୋଧ ହୁଏ ସେହି ପର୍ବତ ଉପରେ ନିଜର ପାଦ ମାରିଥିଲେ ଏବଂ କହିଲେ ତୋ ଉପରେ ଜଣେ ନବୀ, ଜଣେ ସତ୍ୟବାଦୀ ଓ ଦୁଇଜଣ ଶହୀଦ୍ ବ୍ୟକ୍ତି ଛିଡ଼ା ହୋଇଛନ୍ତି । ***(ସହି ବୁଖାରୀ..... ହଦିସ୍ ୩୬୯୯)***

ହଜ୍‌ରତ୍ ଇବ୍‌ନେ ଉମର ର:ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ:ଆ:ସ ଏକ ଫିତ୍‌ନା ଅର୍ଥାତ ଉପଦ୍ରବ ସଂପର୍କରେ ଚର୍ଚ୍ଚା କରି କହିଲେ ଯେ, ଉକ୍ତ ବ୍ୟକ୍ତି ଜଣକ ସେହି ଉପଦ୍ରବରେ ଅକାରଣରେ ତଥା ନିଷ୍ପେଷିତ ଭାବରେ ନିହତ ହେବ ଏବଂ ଆଁ ହଜ୍‌ରତ୍ ସ:ଆ:ସ ଏହି କଥା ସମୟରେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଆଡ଼କୁ ଇଙ୍ଗିତ କରି କହିଥିଲେ ।

***(ସୁନନେ ତିର୍ମିଜି..... ହଦିସ୍ ନଂ-୩୭୦୮)***

ହଜ୍‌ରତ୍ ଉସ୍‌ମାନ୍ ର:ଅ ଯେଉଁ ସମ୍ପତି ଛାଡ଼ି ଯାଇଥିଲେ, ସେ ସମ୍ବନ୍ଧରେ ଯେଉଁ ତଥ୍ୟ ମିଳୁଛି ତାହା ହେଉଛି ଏପରି । ଉବୈଦୁଲ୍ଲାଃ ବିନ୍ ଅବଦୁଲ୍ଲାଃ ବିନ୍ ଉତ୍‌ବା ବର୍ଣ୍ଣନା କରୁଛନ୍ତି ଯେ ଯେଉଁ ଦିନ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ଶହୀଦ କରିଦିଆଗଲା, ସେହିଦିନ ତାଙ୍କ କୋଷାଧ୍ୟକ୍ଷଙ୍କ ନିକଟରେ ତାଙ୍କର ତିନି କୋଟି ପାଂଚ ଲକ୍ଷ ଦିରହମ୍ ଏବଂ ଦେଢ଼ ଲକ୍ଷ ଦିନାର ପଡ଼ିଥିଲା । ସେ ସବୁକୁ ଉପଦ୍ରବୀମାନେ ଲୁଟି ନେଇଗଲେ । ରବଜାଃ ହେଉଛି ହଜାଜ୍‌ର ରାସ୍ତାରେ ଥିବା ଏକ ବସ୍ତି ଓ ତାହା ମଦିନାରୁ ତିନି ଦିନର ମସାଫତ୍ (ଅର୍ଥାତ ତିନି ଦିନ ଓଟ ଦ୍ୱାରା ଯାତ୍ରା କରିଲେ ଯେତେ ରାସ୍ତା ବ୍ୟତିକ୍ରମ ହୁଏ ସେତିକି ଦିନର ଦୂରତା)ରେ ଅବସ୍ଥିତ । ସେହିପରି ବରାଦିସ୍, ଖୈବର ଏବଂ ଓ୍ୱାଦିଲ୍ କୁରାଠାରେ ଦୁଇଲକ୍ଷ ଦିନାରର ସଦକାଃ ଛାଡ଼ିଥିଲେ, ଯେଉଁଥିରୁ ହଜ୍‌ରତ୍ ଉସ୍‌ମାନ୍ ର:ଅ ସଦ୍‌କା ଦିଅନ୍ତି । ***(ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍, ଖଣ୍ଡ-୩, ପୃ-୪୨..... ବେରୁତ ୧୯୯୬) (ଫର୍‌ହଙ୍ଗ ସିରତ୍ ପୃ-୧୩୦ ଜଓ୍ୱାଇ ଏକାଡ଼େମି ପବ୍ଲିକେଶନ୍‌ସ କରାଚି ୨୦୦୩)***

ପୂର୍ବରୁ ଏକଥା ଚର୍ଚ୍ଚା କରାଯାଇଥିଲା ଯେ ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଛନ୍ତି ଯେ ମୁଁ ଧନୀ ଲୋକ ଥିଲି, ଏବେ ମୋ ନିକଟରେ କେବଳ ଦୁଇଟି ଓଟ ଅଛନ୍ତି, ଯାହାଙ୍କୁ ମୁଁ ହଜ୍ କରିବା ପାଇଁ ରଖିଛି ।

***(ଇସ୍‌ଲାମ୍ ମେଁ ଏଖ୍‌ତେଲାଫାତ୍ କା ଆଗାଜ୍, ଅନଓ୍ୱାରୁଲ ଉଲୁମ୍, ଖଣ୍ଡ-୪, ପୃ-୨୯୪)***

ହୋଇପାରେ ଯେଉଁ କଥା ଏଠାରେ ବର୍ଣ୍ଣନା ହୋଇଛି ତାହା ସେ ସମୟର ହୋଇଥିବ, ଯେତେବେଳେ ଜାତୀୟ କୋଷଘରେ ଏତେମାତ୍ରାରେ ଧନସମ୍ପତି ଥିବ ଓ ତାହାକୁ ରାଓ୍ୱି (ବର୍ଣ୍ଣନାକାରୀ) ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ବୋଲି ଅଭିହିତ କରିଥିବେ । ଏହା ମଧ୍ୟ

ହୋଇଥାଏପାରେ ଯେ ସେ ସବୁ ତାଙ୍କ ନିଜର ଅର୍ଥାତ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ହୋଇଥିବ ଓ ସେ ତାହାକୁ ନିଜ ପାଇଁ ଖର୍ଚ୍ଚ ନ କରି ସଦ୍‌କାତ୍ ଏବଂ ଜାତୀୟ ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ଖର୍ଚ୍ଚ କରୁଥିବେ । ସେ ଯାହା ହେଉ ଏହା ଗୋଟିଏ ରିଓ୍ୱାୟତ ଥିଲା ଓ ମୁଁ ତାହା ଏଠାରେ ବର୍ଣ୍ଣନା କରିଦେଲି । ଆ ପୂର୍ବରୁ ତାଙ୍କ ନିଜର ଗୋଟିଏ ରିଓ୍ୱାୟତ ମଧ୍ୟ ବର୍ଣ୍ଣନା ହୋଇ ସାରିଛି । କୋଷାଘରର ସୁରକ୍ଷା ନିମନ୍ତେ ଯେଉଁ ଲୋକମାନଙ୍କୁ ନିଯୁକ୍ତି କରିଥିଲେ ସେହି କୋଷାଧ୍ୟକ୍ଷମାନଙ୍କଠାରୁ ମଧ୍ୟ ଏହା ପ୍ରକାଶ ହେଉଛି ଯେ ତାହା ଜାତୀୟ ସମ୍ପତି ଥିଲା ଯାହାର ସୁରକ୍ଷା ନିମନ୍ତେ ଆପଣ ର:ଅ ସେମାନଙ୍କୁ ମୃତୟନ କରିଥିଲେ ।

*(ଇସ୍‌ଲାମ୍ ମେଁ ଏଖ୍‌ତେଲାଫାତ୍ କା ଆଗାଜ୍, ଅନଓ୍ୱାରୁଲ୍ ଉଲୁମ୍, ଖଣ୍ଡ-୪, ପୃ-୩୨୯)*

ହଜ୍‌ରତ୍ ଅଲୀ ର:ଅଙ୍କୁ ଯେତେବେଳେ ପଚରାଗଲା ଯେ, ଆପଣ ଆମମାନଙ୍କୁ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସଂପର୍କରେ କିଛି କୁହନ୍ତୁ, ସେତେବେଳେ ପ୍ରତ୍ୟୁତରରେ ହଜ୍‌ରତ ଅଲୀ ର:ଅ କହିଲେ ସେ ଏଭଳି ଜଣେ ବ୍ୟକ୍ତି ଥିଲେ ଯିଏ ସର୍ବୋଚ୍ଚ ଈଶ୍ୱରଦୂତମାନଙ୍କ ମଧ୍ୟରୁ ଜଣେ ଥିଲେ ଯାହାଙ୍କୁ ଜୁନ୍ ନୁରୈନ୍ କୁହଯାଉଥିଲା ।

*(ଅଲ୍ ଅସାବାଃ.... ଖଣ୍ଡ-୪, ପୃ-୩୭୮.... ବେରୁତ ୨୦୦୫)*

ସେ ଅଲ୍ଲାଃ ତାଲାଙ୍କ ନିକଟରେ ମଧ୍ୟ ଜୁନ୍ ନୁରୈନ୍ ଥିଲେ । ହଜ୍‌ରତ୍ ଅଲୀ ର:ଅ କହିଛନ୍ତି ହଜ୍‌ରତ୍ ଉସ୍‌ମାନ୍ ର:ଅ ଆମ ସମସ୍ତଙ୍କ ମଧ୍ୟରୁ ସର୍ବାଧିକ ଉତମ ଆଚରଣ ପ୍ରଦର୍ଶନକାରୀ ବ୍ୟକ୍ତି ଥିଲେ । ହଜ୍‌ରତ୍ ଆଏଶା ର:ଅଙ୍କୁ ଯେତେବେଳେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଶାହାଦତ୍ ସମ୍ପର୍କରେ ସୂଚନା ମିଳିଲା ସେତେବେଳେ ସେ କହିଲେ ସେହି ବିଦ୍ରୋହୀ ଉପଦ୍ରବୀମାନେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ଶହୀଦ୍ କରିଦେଲେ ଅଥଚ ହଜ୍‌ରତ୍ ଉସ୍‌ମାନ ର:ଅ ସେହି ଉପଦ୍ରବୀ ବିଦ୍ରୋହୀମାନଙ୍କ ପ୍ରତି ଉତମ ଆଚରଣ ପ୍ରଦର୍ଶନ କରିଥିଲେ । ସେ ଅନ୍ୟମାନଙ୍କ ଅପେକ୍ଷା ଅଲ୍ଲାଃ ତାଲାଙ୍କୁ ସର୍ବାଧିକ ଭୟ କରୁଥିଲେ ଏବଂ ସେ ଜଣେ ଧର୍ମପରାୟଣ ବ୍ୟକ୍ତି ଥିଲେ ।

*(ଅଲ୍‌ଅସାବାଃ....... ଖଣ୍ଡ-୪, ପୃ-୩୭୮.......... ବେରୁତ ୨୦୦୫)*

ଅତଏବ ଆଁ ହଜ୍‌ରତ୍ ସ:ଆ:ସ ନିଜର ଜାମାତା ଅର୍ଥାତ ଜ୍ୱାଇଁଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି, ତତ୍‌ସମ୍ପର୍କରେ ଅଲ୍ ଇସ୍ତିଆବ୍‌ରେ ଏକ ବର୍ଣ୍ଣନା ଉଲ୍ଲେଖ ରହିଛି ଯେ, ଆଁ ହଜ୍‌ରତ୍ ସ:ଆ:ସ କହିଲେ ମୁଁ ନିଜର ଅନାଦି ଓ ସର୍ବଶକ୍ତିମାନ ପ୍ରଭୁଙ୍କ ନିକଟରେ ଏହି ପ୍ରାର୍ଥନା କଲି, ହେ ପ୍ରଭୁ ! ଏଭଳି କୌଣସି ବ୍ୟକ୍ତିକୁ ନର୍କାଗ୍ନିରେ ପ୍ରବେଶ ନ କରାନ୍ତୁ ଯିଏ ମୋର ଜ୍ୱାଇଁ ହୋଇଥିବ କିମ୍ବା ଯେଉଁ ବ୍ୟକ୍ତିର ମୁଁ ଜ୍ୱାଇଁ ହୋଇଥିବି ।

*(ଅଲ୍‌ଇସ୍‌ତିୟାବ....... ଖଣ୍ଡ-୩, ପୃ-୧୫୬.......... ବେରୁତ ୨୦୦୨)*

ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ପରିଧାନ ଏବଂ ବେଶଭୂଷା ସମ୍ବନ୍ଧରେ ମେହ୍‌ମୁଦ୍ ବିନ୍ ଲବିଦ୍ ବର୍ଣ୍ଣନା କରୁଛନ୍ତି ଯେ ସେ ହଜ୍‌ରତ୍ ଉସ୍‌ମାନ୍ ବିନ୍ ଅଫାନ୍ ର:ଅଙ୍କୁ ଏକ ଖଚର (ଅର୍ଥାତ ଗଧ ପ୍ରଜାତିର ଏକ ପ୍ରାଣୀ) ଉପରେ ଏମିତି ଅବସ୍ଥାରେ ଆରୋହଣ କରିଥିବାର ଦେଖିଲି ଯେ ଆପଣ ର:ଅ ଶରୀର ଉପରେ ଦୁଇଟି ହଳଦିଆ ରଙ୍ଗର ଚାଦର ପରିଧାନ କରିଥିଲେ ।

ହକମ୍ ବିନ୍ ସଲତ୍ ବର୍ଣ୍ଣନା କରୁଛନ୍ତି ଯେ ମୋ ବାପା ମତେ ବତାଇଲେ ଯେ ସେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ଅଭିଭାଷଣ ଦେବା ସମୟରେ ଦେଖିଛନ୍ତି, ସେତେବେଳେ ଆପଣ ର:ଅଙ୍କ ଶରୀର ଉପରେ କଳାରଙ୍ଗର ଚାଦର ଥିଲା ଏବଂ ଆପଣ ର:ଅ ମେହେନ୍ଦୀ ରଙ୍ଗର ଖେଜାବ୍ ଲଗାଇଥିଲେ । ସୁଲୈମ୍ ଅବୁ ଆମିର୍ ବର୍ଣ୍ଣନା କରୁଛନ୍ତି ଯେ ସେ ହଜ୍‌ରତ୍ ଉସ୍‌ମାନ୍ ବିନ୍ ଅଫାନ୍ ର:ଅଙ୍କ ଉପରେ ଏକ ୟମନି ଚାଦର ଘୋଡ଼ା ହୋଇଥିବାର ଦେଖିଲେ ଯାହାର ମୂଲ୍ୟ ଏକ ଶହ ଦିର୍‌ହମ୍ ଥିଲା । ମୁହମ୍ମଦ ବିନ୍ ଉମର ବର୍ଣ୍ଣନା କରୁଛନ୍ତି ଯେ ମୁଁ ଅମ୍‌ରୋ ବିନ୍ ଅବ୍‌ଦୁଲ୍ଲାଃ, ଉରୁଓ୍ୱା ବିନ୍ ଖାଲିଦ୍ ଏବଂ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅବୁ ଜିନାଦ୍‌ଙ୍କଠାରୁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଚେହେରା ଓ ଶରୀରର ଆକାର ଇତ୍ୟାଦି ବିଷୟରେ ପଚାରି ବୁଝିଲି । ସେମାନେ ସମସ୍ତେ ବିନା କୌଣସି ମତଭେଦରେ ଏକଥା କହିଲେ ଯେ ସେ ନା ତ ଗେଡ଼ା ଥିଲେ ଓ ନା ବହୁତ ଲମ୍ବା ଥିଲେ । । ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ମୁଖମଣ୍ଡଳ ସୁନ୍ଦର, ଚର୍ମ କୋମଳ, ଗହଳିଆ ଓ ଲମ୍ବା ଦାଢ଼ି, ତାଙ୍କର ରଙ୍ଗ ଗହବ ବର୍ଣ୍ଣ ଥିଲା । ମଜ୍‌ଭୁତ୍ ଗଣ୍ଠି, ଚଉଡ଼ା କାନ୍ଧ ଏବଂ ମୁଣ୍ଡର କେଶ ଘନ ଥିଲା ଏବଂ ସେ ନିଜ ଦାଢ଼ିରେ ମେହେନ୍ଦୀ ଲେପନ କରି ଦାଢ଼ିକୁ ହଳଦିଆ କରୁଥିଲେ ଓ୍ୱାକିଦ୍ ବିନ୍ ଅବୁ ୟାସିର୍ ବର୍ଣ୍ଣନା କରୁଛନ୍ତି ଯେ ହଜ୍‌ରତ୍ ଉସ୍‌ମାନ୍ ର:ଅ ନିଜ ଦାନ୍ତକୁ ସୁନାର ତାରରେ ବାନ୍ଧି ରଖିଥିଲେ । ମୁସା ବିନ୍ ତଲ୍‌ହା ବର୍ଣ୍ଣନା କରୁଛନ୍ତି ଯେ ମୁଁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ଦେଖିଲି ଯେ ସେ ଜୁମା ଦିନ ଯେବେ ବାହାରକୁ ବାହାରନ୍ତି, ସେତେବେଳେ ତାଙ୍କ ଶରୀରରେ ଦୁଇଟି ହଳଦିଆ ଚାଦର ଥାଏ । ପୁଣି ସେ ମେମ୍ବର ଉପରକୁ ଆସନ୍ତି ଓ ମୋଅଜିନ୍ ଅଜାନ୍ ଦିଏ । ପୁଣି ଯେତେବେଳେ ମୁଅଜିନ୍ ନୀରବ ହୋଇଯାଏ ସେତେବେଳେ ଏକ ବଙ୍କୁଲି ବାଡ଼ି ସାହାଯ୍ୟରେ ଛିଡ଼ା ହୁଅନ୍ତି ଓ ଆଶାବାଡ଼ିଟିକୁ ହାତରେ ରଖି ଖୁତ୍‌ବା ଦିଅନ୍ତି । ପୁଣି ସେ ମେମ୍ବର ଉପରୁ ଓହ୍ଲାଇବାରେ ମୋଅଜିନ୍ ଅକାମତ୍ କହେ । ହସନ୍ ବର୍ଣ୍ଣନା କରୁଛନ୍ତି ଯେ ମୁଁ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ମସ୍‌ଜିଦ୍‌ରେ ନିଜ ଚାଦରକୁ ତକିଆ କରି ଶୋଇଥିବାର ଦେଖିଛି ।

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୩୨-୩୪............ ବେରୁତ ୧୯୯୬)*

ମୁସା ବିନ୍ ତଲ୍‌ହା ବର୍ଣ୍ଣନା କରନ୍ତି ଯେ, ଜୁମା ଦିନ ହଜ୍‌ରତ୍ ଉସ୍‌ମାନ୍ ର:ଅ ଗୋଟିଏ ଆଶାବାଡ଼ିର ସାହାରା ନେଇ ଛିଡ଼ା ହୋଇଥିଲେ ସେ ସମସ୍ତ ଲୋକମାନଙ୍କ ମଧ୍ୟରୁ ସବୁଠୁ ଅଧିକ ସୁନ୍ଦର ଥିଲେ । ଆପଣ ର:ଅ ଦୁଇଟି ହଳଦିଆ ରଙ୍ଗର ଚାଦର ଘୋଡ଼ିଥିଲେ । ଗୋଟିଏ ଚାଦର ଓ ଆଉ ଗୋଟିଏ ଲୁଙ୍ଗି । ଏହି ଅବସ୍ଥାରେ ଆପଣ ର:ଅ ମେମ୍ବର ଉପରକୁ ଆସି ତା' ଉପରେ ବସିଯାଆନ୍ତି । ***(ମଜ୍‌ମୁଅଜ୍ ଜଓ୍ୱାଇଦ୍..... ଖଣ୍ଡ-୯, ପୃ-୫୭ହଦିସ୍-୧୪୪୯୩..... ବେରୁତ ୨୦୦୧)***

ଆଁ ହଜ୍‌ରତ୍ ସ:ଆ:ସଙ୍କର ଗୋଟିଏ ମୁଦି ଥିଲା, ସେଥିରେ "ମୁହମ୍ମଦ୍ ରସୁଲୁଲ୍ଲାଃ" ଲେଖା ହୋଇଥିଲା, ଅର୍ଥାତ ଖେଦିତ ହୋଇଥିଲା । ତାଙ୍କୁ ଆପଣ ସ:ଆ:ସ ବ୍ୟବହାର କରୁଥିଲେ । ତାହା ସମ୍ପର୍କରେ ରିଓ୍ୱାୟତ ମିଳୁଛି ଯେ: ହଜ୍‌ରତ୍ ଅନସ୍ ବିନ୍ ମାଲିକ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ଯେବେ ନବୀ କରିମ୍ ସ:ଆ:ସ ରୋମ୍‌ର ସମ୍ରାଟ ନିକଟକୁ ଚିଠି ଲେଖିବାକୁ ମନବଳାଇଲେ ସେତେବେଳେ ଆପଣ ସ:ଆ:ସଙ୍କୁ ନିବେଦନ କରାଗଲା ଯେ ଯଦି ଏହି ଚିଠି ଉପରେ କୌଣସି ମୋହର ନ ରହିବ ତେବେ ସେ ଆପଣଙ୍କ ଚିଠିକୁ ପଢ଼ିବେ ନାହିଁ । ଏଥିରେ ଆପଣ ସ:ଆ:ସ ଗୋଟିଏ ରୂପା ମୁଦି ତିଆରି କଲେ ଯେଉଁଥବରେ "ମୁହମ୍ମଦ୍ ରସୁଲୁଲ୍ଲାଃ" ଖୋଦିତ ହୋଇଥିଲା । ରାଓ୍ୱି କହୁଛନ୍ତି ଯେପରି ମୁଁ ବର୍ତମାନ ମୁଦିଟିର ଧଳାରଙ୍ଗକୁ ଆପଣ ସ:ଆ:ସଙ୍କ ହାତରେ ଦେଖୁଅଛି । ***(ସହି ବୁଖାରୀ....... ହଦିସ୍- ୫୮୭୫)*** ସେହି କଥା ମୋ ମନରେ ଏତେମାତ୍ରାରେ ସତେଜ ହୋଇ ରହିଛି ।

ହଜ୍‌ରତ୍ ଅନସ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ନବୀ କରିମ୍ ସ:ଆ:ସଙ୍କ ମୁଦିଟି ଆପଣ ସ:ଆ:ସଙ୍କ ହାତରେ ରହିଥିଲା ଆପଣ ସ:ଆ:ସଙ୍କ ଅନ୍ତେ ହଜ୍‌ରତ୍ ଅବୁବକର ର:ଅଙ୍କ ହାତରେ ରହିଲା । ହଜ୍‌ରତ୍ ଅବୁବକର ର:ଅଙ୍କ ଅନ୍ତେ ହଜ୍‌ରତ୍ ଉମର୍ ର:ଅଙ୍କ ହାତରେ ରହିଲା । ପୁଣି ଯେବେ ହଜ୍‌ରତ୍ ଉସ୍‌ମାନଙ୍କ ଖିଲାଫତ୍ ସମୟ ଆସିଲା, ଏକଦା ଆପଣ ର:ଅ ଅରିସ୍ ନାମକ କୂପ ନିକଟରେ ବସିଥିଲେ, ରାଓ୍ୱି କହୁଛନ୍ତି ଯେ ହଜ୍‌ରତ୍ ଉସ୍‌ମାନ୍ ର:ଅ ସେହି ମୁଦିଟିକୁ ହାତରୁ ବାହାର କଲେ ଓ ସେଥିରେ ଖେଳିବାକୁ ଲାଗିଲେ । ଅର୍ଥାତ ଆଙ୍ଗୁଳିରେ ପୁରାଉଥିବା ବେଳେ ତାହା ପାଣିରେ ପଡ଼ିଗଲା । ରାଓ୍ୱି କହୁଛନ୍ତି ଯେ ଆମେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ସହିତ ତିନି ଦିନ ପର୍ଯ୍ୟନ୍ତ ତାକୁ ଖୋଜିଲୁ ଓ କୂଅର ସବୁତକ ପାଣି ମଧ୍ୟ ବାହାର କରିଦେଲୁ କିନ୍ତୁ ସେହି ମୁଦିଟି ଆଉ ମିଳିପାରିଲା ନାହିଁ ।

ସେହି ମୁଦିଟି ହଜିଯିବା ପରେ ହଜ୍‌ରତ୍ ଉସ୍‌ମାନ୍ ର:ଅ ତାହାକୁ ଖୋଜି ଆଣିବା ଲୋକ ପାଇଁ ବହୁତ ଧନ ସମ୍ପତି ମିଳିବ ବୋଲି ଘୋଷଣା କଲେ । ସେହି ମୁଦିଟି ହଜି ଯାଇଥିବା ଯୋଗୁଁ ଆପଣ ର:ଅଙ୍କୁ ବହୁତ ଦୁଃଖ ହୋଇଥିଲା । ଯେତେବେଳେ ସେହି ମୁଦିଟିକୁ ପାଇବାରେ ନିରାଶ ହେଏ ସେତେବେଳ ଆଣ ର:ଅ ସେହିପରି ଏକ ରୂପା ମୁଦି ତିଆରି କରିବାପାଇଁ ନିର୍ଦ୍ଦେଶ ଦେଲେ । ଅଏବ ବିଲ୍‌କୁଲ୍ ସେହି ମୁଦିପରି ଗୋଟିଏ ମୁଦି ତିଆରି ହେଲା ଓ ସେଥିରେ ମଧ୍ୟ "ମୁହମ୍ମଦ ରସୁଲୁଲ୍ଲାଃ" ଖୋଦିତ ଥିଲା । ସେହି ମୁଦିଟିକୁ ସେ ନିଜର ମୃତ୍ୟୁ ପର୍ଯ୍ୟନ୍ତ ହାତରେ ପିନ୍ଧିଥିଲେ । ସେ ଶହୀଦ ହେବାପରେ ସେହି ମୁଦିଟିକୁ କୌଣସି ଅଜଣା ବ୍ୟକ୍ତି ନେଇଗଲା । *(ସହୀ ବୁଖାରୀ ..... କିତାବୁଲ୍ ଲିବାସ୍...... ହଦିସ୍ ୫୮୭୯)*

*(ତାରିଖେ ତିବ୍‌ରୀ ଖଣ୍ଡ-୫, ପୃ-୧୧୧-୧୧୨..... ବେରୁତ ୨୦୦୨)*

ହଜ୍‌ରତ୍ ଉସ୍‌ମାନ ର:ଅ ଅଶ୍ରା ମୁବଶରାଙ୍କ ମଧ୍ୟରେ ସାମିଲ ଥିଲେ । ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଖ୍‌ନସ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ, ସେ ମସ୍‌ଜିଦ୍ ଭିତରେ ଥିଲେ, ସେତିକି ବେଳେ କେହିଜଣେ ହଜ୍‌ରତ୍ ଅଲୀ ର:ଅଙ୍କ ନାମକୁ ଅଭଦ୍ରାମି କରି କହିଲା । ଏହାଶୁଣି ହଜ୍‌ରତ୍ ସଇଦ୍ ବିନ୍ ଜୈଦ୍ ର:ଅ ଛିଡ଼ା ହେଲେ ଓ କହିଲେ ଯେ ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କ ସମ୍ବନ୍ଧରେ ସାକ୍ଷ୍ୟ ଦେଉଅଛି ଯେ ମୁଁ ଆପଣ ସ:ଆ:ସଙ୍କଠାରୁ ଅବଶ୍ୟ ଏକଥା ଶୁଣିଛି ଯେ ଦଶଜଣ ଲୋକ ବୈକୁଣ୍ଠରେ ପ୍ରବେଶ କରିବେ । ନବି ସ:ଆ:ସ ବୈକୁଣ୍ଠରେ ଥିବେ, ଅବୁବକର ର:ଅ ବୈକୁଣ୍ଠରେ ଥିବେ, ଉମର୍ ର:ଅ, ଉସ୍‌ମାନ୍ ର:ଅ, ଅଲୀ ର:ଅ, ତଲ୍‌ହା ର:ଅ, ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ, ଜୁବୈର୍ ବିନ୍ ଅଓ୍ୱାମ୍ ର:ଅ ଏବଂ ସାଆଦ୍ ବିନ୍ ମାଲିକ୍ ର:ଅ ବୈକୁଣ୍ଠରେ ରହିବେ । ଯଦି ମୁଁ ଚାହେଁ ତେବେ ଦଶମ ବ୍ୟକ୍ତିର ନାମ ମଧ୍ୟ ନେଇ ପାରିବି । ରାଓ୍ୱି କହୁଛନ୍ତି ଯେ ଲୋକମାନେ ପଚାରିଲେ ଦଶମ ବ୍ୟକ୍ତି ଜଣକ କିଏ ? ସେ କହିଲେ ସଇଦ୍ ବିନ୍ ଜୈଦ୍ ର:ଅ ଅର୍ଥାତ ମୁଁ ନିଜେ । ***(ସୁନନେ ଅବୁ ଦାଉଦ୍....... ହଦିସ୍ ୪୬୪୯)*** ପୂର୍ବରୁ ମଧ୍ୟ ଗୋଟିଏ ସ୍ଥାନରେ ଏହି ରିଓ୍ୱାୟତ ତାଙ୍କ ସମ୍ବନ୍ଧରେ ବର୍ଣ୍ଣନା କରସାରିଛି ।

ଆଁ ହଜ୍‌ରତ୍ ସ:ଆ:ସଙ୍କ ବୈକୁଣ୍ଠରେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସହିତ ବନ୍ଧୁତ୍ୱ ସଂପର୍କରେ ବର୍ଣ୍ଣନା କରାଯାଏ ଯେ, ହଜ୍‌ରତ୍ ତଲ୍‌ହା ବିନ୍ ଉବୈଦୁଲ୍ଲାଃ ବର୍ଣ୍ଣନା କରିଛନ୍ତି: ନବୀ କରୀମ୍ ସ:ଆ:ସ କହିଲେ ପ୍ରତ୍ୟେକ ନବୀଙ୍କର ଜଣେ ବନ୍ଧୁ ଥାଏ । ମୋର ବନ୍ଧୁ ଅର୍ଥାତ ସ୍ୱର୍ଗରେ ମୋର ବନ୍ଧୁ ହଜ୍‌ରତ୍ ଉସ୍‌ମାନ ର:ଅ ହେବେ । ***(ସୁନନେ ତିର୍‌ମିଜି.... ହଦିସ୍- ୩୬୯୮)***

ହଜ୍‌ରତ୍ ଜାବିର ର:ଅ ବର୍ଣ୍ଣନା କରନ୍ତି ଯେ, ଏକଦା ଆମେମାନେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ଗୋଟିଏ ଘରେ ମୁହାଜିର୍‌ମାନଙ୍କ ଦଳ ସହିତ ଥିଲୁ ଯାଇଥିଲୁ । ସେହି ଦଳରେ ହଜ୍‌ରତ୍ ଅବୁବକର ର:ଅ, ହଜ୍‌ରତ୍ ଉସ୍‌ମାନ ର:ଅ, ହଜ୍‌ରତ୍ ଅଲୀ ର:ଅ, ହଜ୍‌ରତ୍ ଜୁବୈର୍ ର:ଅ, ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଔଫ୍ ର:ଅ ଓ ସାଆଦ୍ ବିନ୍ ଅବି ଓ୍ୱକ୍କାସ୍ ର:ଅ ଆଦି ବଡ଼ ବଡ଼ ସାହାବାମାନେ ସାମିଲ ଥିଲେ । ଆଁ ହଜ୍‌ରତ୍ ସ:ଆ:ସ କହିଲେ, ପ୍ରତ୍ୟେକ ବ୍ୟକ୍ତି ନଜର ସମମର୍ଯ୍ୟାଦା ବ୍ୟକ୍ତିଙ୍କ ସହିତ ଛିଡ଼ା ହୋଇଯାଆନ୍ତୁ । ଏହାପରେ ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସହିତ ଛିଡ଼ା ହୋଇଗଲେ ଏବଂ ଆଁ ହଜ୍‌ରତ୍ ସ:ଆ:ସ ତାଙ୍କ ସହିତ କର ମର୍ଦ୍ଦନା କଲେ ଏବଂ କହିଲେ **ଅନ୍‌ତା ଓ୍ୱଲିଇ ଫିଦ୍ ଦୁନ୍‌ୟା ଓ୍ୱ ଓ୍ୱଲିଇ ଫିଲ୍ ଆଖିରତି ।** ଅର୍ଥାତ ତୁମେ ଏ ଦୁନିଆରେ ମଧ୍ୟ ମୋର ବନ୍ଧୁ ଓ ଆରପାରିରେ ମଧ୍ୟ ମୋର ବନ୍ଧୁ ଅଟ । ***(ମଜ୍‌ମୁଅଜ୍ ଜଓ୍ୱାଇଦ୍...... ଖଣ୍ଡ-୭, ପୃ-୬୬.... ହଦିସ୍ ନଂ-୧୪୫୨୮...... ବେରୁତ ୨୦୦୧)*** ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ସ୍ୱାଧିନ ହୋଇଥିବା ଗୁଲାମ୍ ଅବୁ ସହ୍‌ଲା ବର୍ଣ୍ଣନା

କରୁଛନ୍ତି ଯେ ଯେଉଁ ଦିନ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ବିଦ୍ରୋହୀମାନେ ଆପଣ ର:ଅଙ୍କ ଘର ଘେରାଉ କରି ଶହୀଦ୍ କରିଦେଇଥିଲେ, ସେହିଦିନ ମୁଁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ କହିଲି ହେ ଅମୀରୁଲ୍ ମୁମିନିନ୍ ! ଏହି ବିଭ୍ରାଟକାରୀମାନଙ୍କ ସହିତ ଯୁଦ୍ଧ କରନ୍ତୁ । ଏଥିରେ ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ: ଅଲ୍ଲାଃଙ୍କ ରାଣ ମୁଁ ଯୁଦ୍ଧ କରିବି ନାହିଁ । ରସୁଲୁଲ୍ଲାଃ ସ:ଆ:ସ ମୋଠାରୁ ଏକ ପ୍ରତିଶୃତିର ଶପଥ ନେଇଥିଲେ ତେଣୁ ମୁଁ ଚାହୁଁଛି ଯେ ତାହା ପୂରଣ ହେଉ ।

***(ଉସଦୁଲ୍ ଗାବାଃ........ ଖଣ୍ଡ-୩, ପୃ-୪୮୩-୪୮୪....... ବେରୁତ ୨୦୦୩)***

ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ବଦର ଯୁଦ୍ଧରୁ ପଚରେ ରହିବା, ଓ୍ୱହଦ୍ ଯୁଦ୍ଧରୁ ଚାଲିଯିବା ଏବଂ ବୟତେ ରିଜ୍‌ଓ୍ୱାନ୍‌ରେ ସାମିଲ ନ ହେବା ବିଷୟରେ ଆପତି ଅଭିଯୋଗ କରାଯାଇଥାଏ । ଏହି ମୁନାଫିକମାନେ ମଧ୍ୟ ଆପଣ ର:ଅଙ୍କ ଉପରେ ଆରୋପ ଲଗାଇଥିଲେ । ଉସ୍‌ମାନ୍ ବିନ୍ ମୌହିବ୍ ବର୍ଣ୍ଣନା କରୁଛନ୍ତି ଯେ ମିଶରରୁ ଜଣେ ବ୍ୟକ୍ତି ହଜ୍ କରିବା ପାଇଁ ଆସିଲା । ସେ କିଛି ଲୋକଙ୍କୁ ବସିଥିବାର ଦେଖିଲା । ତେଣୁ ଫିତ୍‌ନା (ବିଭ୍ରାଟ) ସୃଷ୍ଟି କରିବାପାଇଁ ସେ ଏପରି କଥା ଆରମ୍ଭ କଲା । ସେ ଲୋକମାନଙ୍କଠାରୁ ପଚାରିଲା ଯେ ଏହି ବସିଥିବା ଲୋକମାନେ କିଏ ? ଲୋକମାନେ କେହିଲେ ଏମାନେ ହେଉଛନ୍ତି କୁରୈଶି । ସେ ପଚାରିଲା ସେମାନଙ୍କ ମଧ୍ୟରୁ ସେହି ବୃଦ୍ଧ ଲୋକ ଜଣ କିଏ ? ଲୋକମାନେ କହିଲେ ସେ ହେଉଛନ୍ତି ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର:ଅ । ସେ କହିଲା ହେ ଇବ୍‌ନେ ଉମର ! ଆପଣଙ୍କଠାରୁ ଗୋଟିଏ କଥା ପଚାରି ବୁଝୁଛି । ଆପଣ ମତେ ବତାନ୍ତୁ ଯେ କଣ ଆପଣ ଏକଥା ଜାଣିଛନ୍ତି କି ହଜ୍‌ରତ୍ ଉସ୍‌ମାନ୍ ର:ଅ ଓ୍ୱହଦ୍ ଯୁଦ୍ଧ ଦିନ ପଳାୟନ କରିଥିଲେ ? ସେ କହିଲେ ହଁ । ପୁଣି ସେ ପଚାରିଲୋ କଣ ଆପଣ ଏହା ଜାଣିଛନ୍ତି ଯେ ସେ ବଦର ଯୁଦ୍ଧରେ ଯୋଗ ଦେଇନଥିଲେ ? ସେ କହିଲେ ହଁ । ପୁଣି ସେ କହିଲା ଯେ କଣ ଆପଣ ଜାଣିଛନ୍ତି କି ସେ ବୟତେ ରିଜ୍‌ଓ୍ୱାନ୍‌ରେ ମଧ୍ୟ ଅନୁପସ୍ଥିତ ଥିଲେ ? ସେ କହିଲେ ହଁ । ଏଥିରେ ସେହି ଲୋକ ଜଣକ ଆଶ୍ଚର୍ଯ୍ୟ ପ୍ରକଟ କରି କହିଲା ଅଲ୍ଲାଃହୁ ଅକ୍‌ବର୍ । ଏହା ଶୁଣି ହଜ୍‌ରତ୍ ଇବ୍‌ନେ ଉମର୍ ର:ଅ ତାକୁ କହିଲେ ତୁମେ ଆପତି, ଅଭିଯୋଗ ଓ ଆରୋପ ତ ଲଗାଇଲ, ଏବେ ମୁଁ ତୁମକୁ ବାସ୍ତବିକ ଘଟଣା ଖୋଲି ବତାଇ ଦେଉଛି । ଓ୍ୱହଦ୍ ଯୁଦ୍ଧ ଦିନ ସେ ଯୁଦ୍ଧ କ୍ଷେତ୍ରରୁ ଚାଲିଯାଇଥିଲେ, ମୁଁ ସାକ୍ଷ୍ୟ ଦେଉଅଛି ଯେ ଅଲ୍ଲାଃ ତାଲା ଏଥିପାଇଁ ତାଙ୍କୁ (ଅର୍ଥାତ ଉସ୍‌ମାନ୍ ର:ଅଙ୍କୁ) କ୍ଷମା କରିଦେଇଛନ୍ତି । ସେ ସମୟରେ ଏକଥା ପ୍ରଚାର ହୋଇଗଲା ଯେ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କୁ ଶହୀଦ୍ କରିଦିଆଯାଇଛି, ତେଣୁ ସେହି ଘଡ଼ିସନ୍ଧି ମୂହୁର୍ତରେ ସେ ଚାଲିଯାଇଥିଲେ । ଯେଉଁଠି ବଦର ଯୁଦ୍ଧ କଥା ଉଠୁଛି, ସେଥିରୁ ହଜ୍‌ରତ୍ ଉସ୍‌ମାନ୍ ର:ଅ ଅନୁପସ୍ଥିତ ରହିବାର କାରଣ ଏହା ଥିଲା ଯେ ରସୁଲୁଲ୍ଲାଃ ସ:ଆ:ସଙ୍କ ଝିଅ, ଯିଏ ଉସ୍‌ମାନ୍ ର:ଅଙ୍କ ପତ୍ନୀ ଥିଲେ, ସେ ବେମାର ଥିଲେ ଏବଂ ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ କହିଥିଲେ ତୁମେ ତୁମ ପତ୍ନୀଙ୍କ ନିକଟରେ ରୁହ । ତୁମେ ବଦର ଯୁଦ୍ଧରେ ସାମିଲ ହୋଇଥିବା ଲୋକମାନଙ୍କ ପରି ପୂଣ୍ୟ ପାଇବ ଓ ମାଲେ ଗନିମତ୍‌ରୁ ଭାଗ ମଧ୍ୟ ପାଇବ ଏବଂ ଯେଉଁଠି ବୟତେ ରିଜ୍‌ଓ୍ୱାନ୍‌ରେ ଯୋଗ ନ ଦେଇପାରିବାର କଥା ଉଠୁଛି, ମନେରଖ ମକ୍କା ଉପତ୍ୟକାରେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କଠାରୁ ବଳି ଯଦି ଆଉ କିଏ ସମ୍ମାନୀୟ ବ୍ୟକ୍ତି ଥାନ୍ତେ, ତା'ହେଲେ ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ସ୍ଥାନରେ ସେହି ବ୍ୟକ୍ତିକୁ କୁଫାରମାନଙ୍କ ନିକଟକୁ ରାଜଦୂତ କରି ପଠାଇଥାନ୍ତେ । ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ପଠାଇଲେ ଏବଂ ବୟତେ ରିଜ୍‌ଓ୍ୱାନ୍ ସେତେବେଳେ ଅନୁଷ୍ଠିତ ହେଲା ଯେତେବେଳେ ସେ ମକ୍କାବାସୀଙ୍କ ନିକଟକୁ ଯାଇଥିଲେ । ବୟତରେ ରିଜ୍‌ଓ୍ୱାନ୍ ସମୟରେ ରସୁଲୁଲ୍ଲାଃ ସ:ଆ:ସ ନିଜ ଡ଼ାହାଣ ହାତ ଦ୍ୱାରା ନିଜର ବାମ ହାତ ଦ୍ୱାରା ନିଜର ବାମ ହାତ ଆଡ଼କୁ ଇସାରା କରି କହିଲେ ଯେ ଇଏ ହେଉଛି ଉସ୍‌ମାନ୍‌ଙ୍କ ହାତ ଓ ନଜର ବାମ ହାତକୁ ନିଜର ଅନ୍ୟ ହାତ ଉପରେ ଜୋର୍‌ରେ ରଖି କହିଲେ ଏହା ଉସ୍‌ମାନଙ୍କ ନିମନ୍ତେ । ହଜ୍‌ରତ୍ ଇବ୍‌ନେ ଉମର୍ ର:ଅ ଏହା କହିବା ପରେ ସେହି ଲୋକଟିକୁ କହିଲେ ଏବେ ଏହି କଥା ସବୁକୁ ନିଜ ସହିତ ନେଇଯାଅ ଓ ମନେରଖ ଯେ ଏହା କୌଣସି ଆପତି ଜନକ କଥା ନୁହେଁ । ଯାଅ ।

***(ଉଦ୍ଧୃତ ସହି ବୁଖାରୀ...... ହଦିସ୍ ନଂ-୩୬୯୮)***

ଆଁ ହଜ୍‌ରତ୍ ସ:ଆ:ସଙ୍କ ଜୀବନରେ ହିଁ ମସ୍‌ଜିଦ୍ ନବଓ୍ୱିର ପ୍ରସାରଣ ହୋଇଥିଲା । ସେଥିରେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ଭାଗ ଦେବାର ସୌଭାଗ୍ୟ ମିଳିଥିଲା । ଅବୁ ମଲିହା ନିଜ ବାପାଙ୍କଠାରୁ ରିଓ୍ୱାୟତ କରୁଛନ୍ତି ଯେ ନବି କରିମ୍ ସ:ଆ:ସ ମସ୍‌ଜିଦ୍ ମଦିନାର ପ୍ରସାରଣ ନିମନ୍ତେ ଖଣ୍ଡେ ଜମିର ମାଲିକ, ଯିଏ ଅନ୍‌ସାରୀ ଥିଲା, ତାଙ୍କୁ କହିଲେ: ତୁମ ପାଇଁ ଏହି ଜମିଖଣ୍ଡକ ବଦଳରେ ବୈକୁଣ୍ଠରେ ଘର ମିଳିବ କିନ୍ତୁ ସେ ସେହି ଜମି ଖଣ୍ଡିକ ଦେବାକୁ ରାଜି ହେଲେ ନାହିଁ । ହଜ୍‌ରତ୍ ଉସ୍‌ମାନ୍ ସେହି ସମୟରେ ଆସିଲେ ଓ ସେହି ଲୋକଟିକୁ କହିଲେ ତୁମର ଏହି ଜମି ଖଣ୍ଡିକ ବଦଳରେ ମୁଁ ତୁମକୁ ଦଶହଜାର ଦିର୍‌ହମ୍ ଦେବି । ଅତଏବ ହଜ୍‌ରତ୍ ଉସ୍‌ମାନ୍ ର:ଅ ତା'ଠାରୁ ସେହି ଜମିକୁ କିଣିନେଲେ । ତା'ପରେ ହଜ୍‌ରତ୍ ଉସ୍‌ମାନ୍ ର:ଅ ନବୀ କରିମ୍ ସ:ଆ:ସଙ୍କ ନିକଟକୁ ଆସିଲେ ଓ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣ ମୋ ଠାରୁ ଏହି ଜମି ଖଣ୍ଡିକ କିଣି ନିଅନ୍ତୁ । ଏଥିରେ ମହାଭାଗ ସ:ଆ:ସ ସେହି ଜମି ଖଣ୍ଡକ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କଠାରୁ ବୈକୁଣ୍ଠରେ ଘର ମିଳିବା ପ୍ରତି ବଦଳରେ କିଣିନେଲେ । ପୁଣି ଆପଣ ସ:ଆ:ସ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ସେହି କଥା କହିଲେ ଯେ ବୈକୁଣ୍ଠରେ ତୁମକୁ ଘର ମିଳିବ । ତା'ପରେ ନବୀ ସ:ଆ:ସ ଗୋଟିଏ ଇଟା ରଖିଲେ । ପୁଣି ଆପଣ ସ:ଆ:ସ ହଜ୍‌ରତ୍ ଅବୁବକର ର:ଅଙ୍କୁ ଡ଼ାକିଲେ, ସେ ମଧ୍ୟ ଏକ ଇଟା ରଖିଲେ । ପୁଣି ହଜ୍‌ରତ୍ ଉମର୍ ର:ଅଙ୍କୁ ଡ଼ାକିଲେ, ସେ ମଧ୍ୟ ଏକ ଇଟା ରଖିଲେ । ପୁଣି ହଜ୍‌ରତ୍ ଉସ୍‌ମାନ୍ ର:ଅ ଆସିଲେ ଓ ସେ ମଧ୍ୟ ଏକ ଇଟା ରଖିଲେ । ତା'ପରେ ଆପଣ ସ:ଆ:ସ ବାକି ଲୋକମାନଙ୍କୁ କହିଲେ ଯେ ଏବେ ତୁମେମାନେ ଖଣ୍ଡେ ଖଣ୍ଡେ ଇଟା ରଖ, ସୁତରାଂ ସମସ୍ତେ ଇଟା ରଖିଲେ । ***(ମଜ୍‌ମୁଅଜ୍ ଜଓ୍ୱାଇଦ୍...... ଖଣ୍ଡ-୭, ପୃ-୬୬.... ହଦିସ୍ ନଂ-୧୪୫୨୪...... ବେରୁତ ୨୦୦୧)***

ସେହି ମସ୍‌ଜିଦ୍‌କୁ ଯେତେବେଳେ ସଂପ୍ରସାରଣ କରାଯାଇଥିଲା, ସେତେବେଳେ ଏହିପରି ତା'ର ମୂଳଦୁଆ ରଖାଯାଇଥିଲା ।

ସୁମାମା ବିନ୍ ହଜନ୍ କୁଶୈରୀ ବର୍ଣ୍ଣନା କରୁଛନ୍ତି ଯେ ମୁଁ ଘେରାବନ୍ଦୀ ସମୟରେ ଉପସ୍ଥିତି ଥିଲି । ସେତେବେଳେ ହଜ୍‌ରତ୍ ଉସ୍‌ମାନ୍ ର:ଅ ଘରୁ ଉଣ୍ଡି ଲୋକମାନଙ୍କୁ କହିଲେ: ତୁମକୁ ଅଲ୍ଲାଃ ଏବଂ ଇସ୍‌ଲାମ୍‌ର ରାଣ ଦେଇ ପଚାରୁଛି ଯେ କଣ ତୁମେମାନେ ଏକଥା ଜାଣିଛ ଯେ ଯେବେ ରସୁଲୁଲ୍ଲାଃ ସ:ଆ:ସ ମଦିନା ଆସିଲେ, ସେତେବେଳେ ରୁମାଃ ନାମକ କୂପ ବ୍ୟତୀତ ମିଠା ପାଣିର ବ୍ୟବସ୍ଥା ଅନ୍ୟ କେଉଁଠାରେ ନଥିଲା । ଆପଣ ସ:ଆ:ସ କହିଲେ କିଏ ଅଛି ଯିଏ ରୁମାଃ କୂପଟିକୁ କିଣିବ ଯଦ୍ୱାରା ସେ ନିଜେ ପାଣି ପିଇବା ସହିତ ଅନ୍ୟ ମୁସଲମାନମାନେ ମଧ୍ୟ ସେହି କୂପରୁ ପାଣି ପିଇବେ ଏବଂ ବୈକୁଣ୍ଠରେ ତା'ପାଇଁ ଏହି କୂପଠାରୁ ଉତମ ପ୍ରତିବଦଳ ମିଳିବ । ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ: ମୁଁ ସେହି କୂପଟିକୁ ମୋ ନିଜ ଧନ ଖର୍ଚ୍ଚ କରି କିଣିନେଲି ଓ ମୁଁ ନିଜେ ପାଣି ପିଇବା ସହିତ ମୁସଲମାନମାନେ ମଧ୍ୟ ପାଣି ପିଇଲେ । କିନ୍ତୁ ଆଜି ତୁମେମାନେ ମତେ ସେଥିରୁ ପାଣି ପିଇବାକୁ ରୋକୁଛ ଓ ଏହା ଚାହୁଁଛ ଯେ ମୁଁ ସମୁଦ୍ର ପାଣି ପିଇବା ପାଇଁ ବାଧ ହେବି । ଏହା ଶୁଣି ଲୋକମାନେ କହିଲେ ଅଲ୍ଲାଃଙ୍କ ରାଣ ! ଆପଣ ଠିକ୍ କହୁଛନ୍ତି । ପୁଣି ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ: ମୁଁ ତୁମକୁ ଅଲ୍ଲାଃଙ୍କର ଓ ଇସ୍‌ଲାମ୍‌ର ରାଣ ଦେଇ ପଚାରୁଛି କଣ ତୁମେ ଜାଣିଛ ଯେ ମୁଁ ଯେଶେ ଉସ୍‌ରାଃ ଏବଂ ତବୁକ ଯୁଦ୍ଧର ପ୍ରସ୍ତୁତି ନିଜ ଧନସମ୍ପତି ଦ୍ୱାରା କରିଥିଲି । ଏଥିରେ ଲୋକମାନେ କହିଲେ ଅଲ୍ଲାଃଙ୍କ ରାଣ ଠିକ ଏହିପରି ହୋଇଥିଲା । ପୁଣି ଆପଣ ର:ଅ କହିଲେ: ମୁଁ ତୁମକୁ ଅଲ୍ଲାଃ ଓ ଇସ୍‌ଲାମ୍‌ର ରାଣ ଦେଇ ପଚାରୁଛି ଯେ କଣ ତୁମେ ଜାଣିନାହଁ ଯେ ଏହି ମସ୍‌ଜିଦ୍ ନବଓ୍ୱି ଯେତେବେଳେ ନମାଜ ପାଠକାରୀମାନଙ୍କ ପାଇଁ ସଙ୍କୁଚିତ ହୋଇଗଲା, ସେତେବେଳେ ରସୁଲେ କରିମ୍ ସ:ଆ:ସ କହିଲେ ଯେଉଁ ବ୍ୟକ୍ତି ଏହି ଜମିଖଣ୍ଡିକୁ ଅମୁକ ବଂଶର ଅମୁକ ବ୍ୟକ୍ତିଠାରୁ କିଣି ଏହି ମସ୍‌ଜିଦ୍‌ରେ ସାମିଲ କରିଦେବ, ତା'ପାଇଁ ବୈକୁଣ୍ଠରେ ଏହାଠାରୁ ଉତମ ଜିନିଷ ମିଳିବ । ସୁତରାଂ ମୁଁ ଏହି ଜମିଖଣ୍ଡକ ନିଜ ହାତରୁ ଖର୍ଚ୍ଚ କରି କିଣି ମସ୍‌ଜିଦ୍‌ରେ ସାମିଲ୍ କରିଦେଲି । ଏବେ ତୁମେମାନେ ଏହି ମସ୍‌ଜିଦ୍‌ରେ ଦୁଇ ରେକାତ ନମାଜ ପଢ଼ିବାକୁ ମତେ ରୋକୁଛ । ଏହା ଶୁଣି ସେମାନେ କହିଲେ ଅଲ୍ଲାଃଙ୍କ ରାଣ ଏହିପରି ହୋଇଥିଲା । ପୁଣି ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ ମୁଁ ତୁମକୁ ଅଲ୍ଲାଃ ଓ ଇସ୍‌ଲାମ୍‌ର ରାଣ ଦେଇ ପଚାରୁଛି କଣ ତୁମେମାନେ ଜାଣିନାହଁ ଯେ ରସୁଲୁଲ୍ଲାଃ ସ:ଆ:ସ ମକ୍କାଠାରେ ଥିବା ସବିର୍ ପାହାଡ଼ ଉପରେ ଥିଲେ ଏବଂ ତାଙ୍କ ସହିତ ହଜ୍‌ରତ୍ ଅବୁବକର ର:ଅ, ହଜ୍‌ରତ୍ ଉମର୍ ର:ଅ ଓ ମୁଁ ଥିଲି । ଯେବେ ପାହାଡ଼ କମ୍ପିଲା, ସେତେବେଳେ ରସୁଲୁଲ୍ଲାଃ ସ:ଆ:ସ ସେହି ପାହାଡ଼ ଉପରେ ପାଦ ଛେଚି କହିଲେ ହେ ସବିର୍ ! ରହିଯାଅ କାରଣ ତୁମ ଉପରେ ଜଣେ ନବୀ, ଜଣେ ସିଦ୍ଦିକ୍ ଏବଂ ଦୁଇଜଣ ଶହୀଦ୍ ଅଛନ୍ତି । ଏହା ଶୁଣି ସେମାନେ କହିଲେ ଅଲ୍ଲାଃଙ୍କ ରାଣ ଏହିପରି ହୋଇଥିଲା । ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ ଅଲ୍ଲାହୁ ଅକ୍‌ବର୍ ! କାବାର ପାଳନକର୍ତାଙ୍କ ରାଣ ଏହି ଲୋକମାନେ ମୋ ସପକ୍ଷରେ ସାକ୍ଷ୍ୟ ଦେଇସାରିଛନ୍ତି ଅର୍ଥାତ ମୁଁ ଶହୀଦ୍ ହେବାର ସୌଭାଗ୍ୟ ପାଇବି । ***(ସୁନନେ ନସାଇ...... ହଦିସ୍ ନଂ-୩୬୩୮)***

ମସ୍‌ଜିଦ୍ ନବଓ୍ୱିର ପ୍ରସାରଣ ଅଧିକାଂଶ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ସମୟରେ ହୋଇଥିଲା । ସେଥିଯୋଗୁଁ ତାହାର ସଂକ୍ଷିପ୍ତ ଇତିହାସ ଓ ପ୍ରାରମ୍ଭିକ ଅବସ୍ଥା ଓ ପୁଣି ପ୍ରସାରଣ ସମ୍ବନ୍ଧରେ ଯାହା ବର୍ଣ୍ଣନା ରହିଛି, ସେ ସମ୍ବନ୍ଧରେ ଏଠାରେ ବତାଇ ଦେଉଛି । ପ୍ରଥମେ ଏକଥା ବର୍ଣ୍ଣନା ହୋଇସାରିଛି ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମୟରେ ଏହି ମସ୍‌ଜିଦ୍‌କୁ ସଂପ୍ରସାରଣ କରାଗଲା- ସେ ସମ୍ବନ୍ଧରେ ଏକ ନୋଟ ଏହା ମଧ୍ୟ ରହିଛି ଯେ,

ରବିଉଲ୍ ଅଓ୍ୱଲ୍ ମାସ ୧ ହିଜ୍‌ରୀ ମୁତାବକ ଅକ୍ଟୋବର ମାସ ୬୨୨ ଖ୍ରୀଷ୍ଟାଦ୍ଧରେ ରସୁଲୁଲ୍ଲାଃ ସ:ଆ:ସ ନିଜର ପବିତ୍ର ହସ୍ତ ଦ୍ୱାରା ଉକ୍ତ ମସ୍‌ଜିଦ୍‌ର ଭିତି ପ୍ରସ୍ତର ସ୍ଥାପନ କରିଥିଲେ । ମୁଳଦୁଆ ପ୍ରାୟ ଦେଢ଼ ମିଟର ଗଭୀର ଥିଲା । ମୁଳଦୁଆ ନିମନ୍ତେ ପଥରରୁ ତିଆରି ହୋଇଥିବା ଇଟା ଦ୍ୱାରା କାନ୍ଥ ତିଆରି ହେଲା ଓ ଉପରକୁ କାନ୍ଥ କାଦୁଆ ଏବଂ ଖରାରେ ଶୁଖାଯାଇଥିବା ଇଟା ଦ୍ୱାରା ତିଆରି ହୋଇଥିଲା । କାନ୍ଥ କଚାଂ ଇଟା ଦ୍ୱାରା ବନା ହୋଇଥିଲା ।

***(ଉଦ୍ଧୃତ ଜୁସ୍‌ତଜୁଏ ମଦିନା..... ପୃ-୪୩୦..... ପାକିସ୍ତାନ୨୦୦୭)***

ଏହି ମସ୍‌ଜିଦ୍ ନର୍ମାଣର ଇତିହାସ ରହିଛି । ତତ୍‌ସହିତ ମସ୍‌ଜିଦ୍‌ର ପ୍ରସାରଣ ହେବା ଚର୍ଚ୍ଚା ମଧ୍ୟ ଆସିଯିବ । ମସ୍‌ଜିଦ୍‌ର କାନ୍ଥଗୁଡ଼ିକ ପ୍ରାୟ ପୌନେମିଟର (ଅର୍ଥାତ ଏକ ମିଟରରୁ ୨୫ ସେଂଟିମିଟର କମ୍) । ଅର୍ଥାତ ପାଖାପାଖି ଦୁଇରୁ ଅଢ଼େଇ ଫୁଟ୍ ଚଉଡ଼ା ଥିଲା । କାନ୍ଥ ଗୁଡ଼ିକର ଉଚ୍ଚତା ପ୍ରାୟ ସାଢ଼େ ତିନିମିଟର ଥିଲା ।

***(ଉଦ୍ଧୃତ ଜୁସ୍‌ତଜୁଏ ମଦିନା..... ପୃ-୪୩୨..... ପାକିସ୍ତାନ୨୦୦୭)***

ମସ୍‌ଜିଦେ ନବଓ୍ୱୀର୍ ନିର୍ମାଣ କାର୍ଯ୍ୟ ଶଓ୍ୱାଲ୍ ମାସ ୧ ହିଜ୍‌ରୀ ୬୨୩ ଖ୍ରୀ.ଅରେ ସମାପ୍ତ ହୋଇଥିଲା ***(ଉଦ୍ଧୃତ ଜୁସ୍‌ତଜୁଏ ମଦିନା..... ପୃ-୪୩୫..... ପାକିସ୍ତାନ୨୦୦୭)***

ହଜ୍‌ରତ୍ ଖାରିଜା ବିନ୍ ଜୈଦ୍ ବିନ୍ ସାବିତ୍ ର:ଅଙ୍କର ରିଓ୍ୱାୟତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ ନିଜ ମସ୍‌ଜିଦ୍‌ର ଦୀର୍ଘ ପ୍ରାୟ ୩୫ ମିଟର ଏବଂ ପ୍ରସ୍ଥ ପ୍ରାୟ ୩୦ ମିଟର ରଖିଥିଲେ ।

***(ଉଦ୍ଧୃତ ଜୁସ୍‌ତଜୁଏ ମଦିନା..... ପୃ-୪୩୭-୪୩୮..... ପାକିସ୍ତାନ ୨୦୦୭)***

ରସୁଲେ କରିମ୍ ସ:ଆ:ସଙ୍କ ସମୟରେ ମସ୍‌ଜିଦେ ନବଓ୍ୱୀର ପ୍ରଥମ ପ୍ରଶସ୍ତିକରଣ

ମୋହରମ୍ ମାସ ୭ ହିଜ୍‌ରୀ ମୁତାବକ ଜୁନ୍ ୬୨୮ ଖ୍ରୀ.ଅରେ ହୋଇଥିଲା। ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ଖୈବର୍ ଯୁଦ୍ଧରେ ବିଜୟୀ ହୋଇ ଫେରିଲେ ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ମସ୍‌ଜିଦେ ନବୱୀର ପ୍ରଶସ୍ତିକରଣ ଏବଂ ପୁନଃନିର୍ମାଣ ପାଇଁ ଆଦେଶନାମା ଜାରି କରିଥିଲେ। ମସ୍‌ଜିଦ୍‌ରେ ଅଧିକାଂଶ ପ୍ରଶସ୍ତିକରଣ ଉତର ଦିଗ ଆଡ଼କୁ କରାଯାଇଥିଲା ଏବଂ ଆଉ କିଛି ନିର୍ମାଣ ପଶ୍ଚିମ ଦିଗ ଆଡ଼କୁ ହୋଇଥିଲା। ଉତର ଦିଗ ଆଡ଼କୁ ସାହାବାମାନଙ୍କର କେତେକ ବାସଗୃହ ରହିଥିଲା ସେହି ଦିଗରେ ଜଣେ ଅନ୍‌ସାରୀ ବ୍ୟକ୍ତିର ଘର ଥିଲା। ତେଣୁ ସେହି ବ୍ୟକ୍ତି ନିଜ ଘର ଦେବାକୁ ରାଜି ହେଉନଥିଲା। ଅତଏବ ହଜ୍‌ରତ୍ ଉସ୍‌ମାନ ର:ଅ ନିଜସ୍ୱ ପାଣ୍ଠିରୁ ଦଶ ହଜାର ଦିନାର ଦେଇ ସେହି ଘର କ୍ରୟ କରି ନେଇଥିଲେ ଏବଂ ନବୀ କରିମ୍ ସ:ଆ:ସଙ୍କ ସେବାରେ ଉପସ୍ଥାପିତ କରିଥିଲେ ଏବଂ ଆଁ ହଜ୍‌ରତ୍ ସ:ଆ:ସ ଉକ୍ତ ଭୂମିକୁ ମସ୍‌ଜିଦ୍ ସହିତ ସାମିଲ କରି ଦେଇଥିଲେ। ଅତଏବ ଏହିପରି ଭାବରେ ମସ୍‌ଜିଦ୍‌ର ଦକ୍ଷିଣ ପାର୍ଶ୍ୱ ଏବଂ ପଶ୍ଚିମ ପାର୍ଶ୍ୱରେ ପ୍ରଶସ୍ତିକରଣ ହୋଇ ପାରିଥିଲା। ଏହି ପ୍ରଶସ୍ତିକରଣ ପରେ ମସ୍‌ଜିଦ୍‌ର ମୋଟ କ୍ଷେତ୍ରଫଳ ୧୦୦x୧୦୦ ଜରଅ ଅର୍ଥାତ ୫୦x୫୦ ମିଟର ହୋଇଗଲା।

*(ଜୁସ୍‌ତୁଜୁଏ ମଦିନା....... ପୃ-୪୪୬-୪୪୭ ପାକିସ୍ତାନ ୨୦୦୭)*

ହଜ୍‌ରତ୍ ଉମର ର:ଅଙ୍କ ସମୟରେ ମସ୍‌ଜିଦେ ନବୱୀର ଦ୍ୱିତୀୟ ପ୍ରଶସ୍ତିକରଣ ୧୭ ହିଜ୍‌ରୀରେ ହୋଇଥିଲା। ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମର ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସଙ୍କ ସମୟରେ ମସ୍‌ଜିଦ୍ ନବୱି କଂଚା ଇଟାରେ ତିଆରି ହୋଇଥିଲା। ଯାହାର ଛାତ ଖଜୁରୀ ଗଛର ଡ଼ାଳରେ ଓ ପତ୍ରରେ ତିଆରି ହୋଇଥିଲା ଏବଂ ଖୁଂଟିଗୁଡ଼ିକ ଖଜୁରୀ ଗଛର ଗଣ୍ଡିରେ ତିଆରି ହୋଇଥିଲା। ହଜ୍‌ରତ୍ ଅବୁବକର ର:ଅ ତାହାକୁ ସେହିପରି ରହିବାକୁ ଦେଲେ ଓ ସେଥିରେ ନା କିଛି ପ୍ରସାରଣ କଲେ ନା ପରିବର୍ତନ କଲେ। ହଜ୍‌ରତ୍ ଉମର୍ ତାହାର ନୂତନ ନିର୍ମାଣ ଓ ପ୍ରସାରଣ କରାଇଲେ କିନ୍ତୁ ତାହାର ଆକର ଓ ନିର୍ମାଣ ଶୈଳୀରେ କିଛି ପରିବର୍ତନ କରିଲେ ନାହିଁ। ଯେଉଁଭଳି ଥିଲା ସେହି ମୂଳଦୁଆ ଉପରେ ନୂଆ ନିର୍ମାଣ କଲେ। ଛାତ ପୂର୍ବପରି ଖଜୁରୀ ଡ଼ାଳ ଓ ପତ୍ର ଦ୍ୱାରା ରହିଥିଲା। ସେ କେବଳ କାଠ ଖୁଂଟ ଲଗାଇ ଦେଲେ। ହଜ୍‌ରତ୍ ଉମର୍ ର:ଅ ୧୭ ହିଜ୍‌ରୀରେ ମସ୍‌ଜିଦ୍‌ର ନିର୍ମାଣ ନିଜ ତତ୍ୱାବଧାନରେ ସମ୍ପୂର୍ଣ୍ଣ କରାଇଲେ। ଏହି ପ୍ରଶସ୍ତିକରଣ ପରେ ମସ୍‌ଜିଦ୍‌ର କ୍ଷେତ୍ରଫଳ ବଢ଼ିଯାଇ ୭୦x୭୦ ମିଟର ହୋଇଗଲା। ଏହି ରିୱାୟତରୁ ଜଣାପଡୁଛି ଯେ ହଜ୍‌ରତ୍ ଅବୁବକର ର:ଅଙ୍କ ସମୟରେ ମସ୍‌ଜିଦ୍ ନବୱିର ଆକାର ସେହିପରି ଥିଲା ଯେପରି ରସୁଲେ କରିମ୍ ସ:ଆ:ସଙ୍କ ସମୟରେ ଥିଲା କିନ୍ତୁ ହଜ୍‌ରତ୍ ଉମର ର:ଅଙ୍କ ନୂତନ ନିର୍ମାଣ ଦ୍ୱାରା ଏହା ବହୁତ ବଢ଼ିଗଲା।

*(ଜୁସ୍‌ତଜୁଏ ମଦିନା..... ପୃ-୪୫୯..... ପାକିସ୍ତାନ ୨୦୦୭)*

ପୁଣି ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଖିଲାଫତ୍ ସମୟରେ ମସ୍‌ଜିଦ୍ ନବୱିର ପ୍ରଶସ୍ତିକରଣ କରାଗଲା ଓ ନୂତନ ରୂପେ ନିର୍ମାଣ ମଧ୍ୟ କରାଗଲା। ଏହା ୨୯ ହିଜ୍‌ରୀର ଘଟଣା। ହଜ୍‌ରତ୍ ଉସ୍‌ମାନ୍ ର:ଅ ତାହାକୁ ନୂତନ ରୂପେ ନିର୍ମାଣ କରିବା ବେଳେ ତାକୁ ଅତ୍ୟନ୍ତ ସୁନ୍ଦର ଓ ମଜ୍‌ଭୁତ କରିବାପାଇଁ ଜପସମ୍ ପଥର ବ୍ୟବହାର କଲେ ଓ ସେଥିରେ କଳାକୃତି ଅଙ୍କାଇ ଥିଲେ। କାନ୍ଥରେ ଯେଉଁ ପଥର ଲାଗିଥିଲା, ସେଥିରେ କଳାକୃତି ଖୋଦିତ ହୋଇଥିଲା ଏବଂ ମସ୍‌ଜିଦ୍ ନବୱିରେ ପ୍ରଥମଥର ଧଳା ରଙ୍ଗ ନିମନ୍ତେ ଚୂନ ବ୍ୟବହାର ହେଲା। ଛାତରେ ଶିଶୁକାଠ ବ୍ୟବହାର ହେଲା।

ହଜ୍‌ରତ୍ ଉସ୍‌ମାନ ର:ଅ ଯେତେବେଳେ ୨୪ ହିଜ୍‌ରୀରେ ଖଲିଫା ନିର୍ବାଚିତ ହେଲେ ସେତେବେଳେ ଲୋକମାନେ ତାଙ୍କୁ ଅନୁରୋଧ କଲେ ଯେ, ମସ୍‌ଜିଦେ ନବୱୀର ପ୍ରଶସ୍ତିକରଣ କରାଯାଉ। ଲୋକମାନେ ମସ୍‌ଜିଦ୍‌ର ପ୍ରାଙ୍ଗଣ ସଂପର୍କରେ ଅଭିଯୋଗ କରିଥିଲେ ଯେ ଏହା ବହୁତ ସଂକୀର୍ଣ୍ଣ ଅଟେ। ଅର୍ଥାତ ନମାଜ ଜୁମା ବେଳେ ବିଶେଷ ରୂପେ ଲୋକମାନଙ୍କର ଏକତ୍ରିକରଣ ହୋଇଥାଆନ୍ତି ଏବଂ ମସ୍‌ଜିଦ୍‌ର ବାହାର ଭାଗରେ ନମାଜ ପାଠକାରୀଙ୍କୁ ନମାଜ ପାଠ କରିବାକୁ ପଡୁଥିଲା। ଅତଏବ ହଜ୍‌ରତ୍ ଉସ୍‌ମାନ ର:ଅ ସାହାବାମାନଙ୍କ ସହିତ ପରାମର୍ଶ କଲେ ଏବଂ ସର୍ବସମ୍ମତି କ୍ରମେ ପୁରାତନ ମସ୍‌ଜିଦ୍‌କୁ ଭାଙ୍ଗି ତା' ସ୍ଥାନରେ ନୂତନ ମସ୍‌ଜିଦ୍ ନିର୍ମାଣ କରିବା ପାଇଁ ପ୍ରସ୍ତାବ ପାରିତ ହେଲା। ଦିନେ ହଜ୍‌ରତ୍ ଉସ୍‌ମାନ ର:ଅ ନମାଜ ଜୋହର୍ ପରେ ମଂଚ ଉପରେ ଚଢ଼ି ଖୁତ୍‌ବା ଦେଲେ ଏବଂ କହିଲେ ସକଳ ପ୍ରଶଂସା ଅଲ୍ଲାଃ ତାଲାଙ୍କ ପାଇଁ ଉଦ୍ଦିଷ୍ଟ। ମୁଁ ପୁରାତନ ମସ୍‌ଜିଦ୍‌କୁ ଭାଙ୍ଗି ତା' ସ୍ଥାନରେ ନୂତନ ମସ୍‌ଜିଦ୍ ନିର୍ମାଣ କରିବାକୁ ଚାହୁଁଛି। ମୁଁ ସାକ୍ଷ୍ୟ ଦେଉଛି ଯେ, ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କ ତୁଣ୍ଡରୁ ଶୁଣିଥିଲି ଯେଉଁ ବ୍ୟକ୍ତି ବି ମସ୍‌ଜିଦେ ନବୱୀ ନିର୍ମାଣ କରେ ଅଲ୍ଲାଃ ତାଲା ତା'କୁ ସ୍ୱର୍ଗରେ ଏକ ଗୃହ ପ୍ରଦାନ କରନ୍ତି। ମୋ ପୂର୍ବରୁ ହଜ୍‌ରତ୍ ଉମର ଫାରୁକ୍ ର:ଅ ଥିଲେ ତାଙ୍କ ହସ୍ତରେ ମସ୍‌ଜିଦେ ନବୱୀର ପୁନଃ ନିର୍ମାଣ ଓ ପ୍ରଶସ୍ତିକରଣ ମୋ ପାଇଁ ଏକ ଉଦାହରଣ ଥିଲା। ଅତଏବ ସାହାବାମାନଙ୍କ ସହିତ ପରାମର୍ଶ ଏବଂ ସର୍ବସମ୍ମତି କ୍ରମେ ମସ୍‌ଜିଦେ୍ ନବୱୀକୁ ଭାଙ୍ଗି ତାହାକୁ ପୁନଃ ନିର୍ମାଣ କରିବାପାଇଁ ପ୍ରସ୍ତାବ ଆଗତ କରିଥିଲି।

ଯେତେବେଳେ ହଜ୍‌ରତ୍ ଉସ୍‌ମାନ୍ ର:ଅ ମସ୍‌ଜିଦ୍‌କୁ ନୂତନ ରୂପେ ନିର୍ମାଣ କରିବାକୁ ପ୍ରସ୍ତାବ ଉପସ୍ଥାପନ କଲେ ସେତେବେଳେ କେତେକ ସାହାବାମାନେ ଏହାକୁ ଅସ୍ୱୀକାର କରିଥିଲେ ତ' ଆଉ କେତେକ ସାହାବାମାନେ ଏହାର ସପକ୍ଷରେ ଥିଲେ ଏବଂ ମସ୍‌ଜିଦ୍‌ର ସଂରକ୍ଷଣ ଦାବି ଉପସ୍ଥାପନ କରିଥିଲେ। କିଛି ସାହାବାମାନଙ୍କ ମତ ରହିଥିଲା ଯେ, ମସ୍‌ଜିଦେ ନବୱୀକୁ ଭଙ୍ଗା ନଯାଉ। ସେହି ସାହାବାମାନଙ୍କ ମଧ୍ୟରୁ ଅନେକ ସାହାବା ମସ୍‌ଜିଦେ୍ ନବୱୀର ନିକଟବର୍ତୀ ଅଂଚଳରେ ବସବାସ କରୁଥିଲେ ଓ ସେମାନଙ୍କର ଘର ଉକ୍ତ ଯୋଜନା ଦ୍ୱାରା ପ୍ରଭାବିତ ହେଉଥିବାର ଜଣା ପଡୁଥିଲା। ସଂଖ୍ୟାଗରିଷ୍ଠ ଜନସାଧାରଣଙ୍କ ମତାମତ ମସ୍‌ଜିଦ୍ ଭାଙ୍ଗିବା ଓ ନୂତନ ନିର୍ମାଣ ସପକ୍ଷରେ ଥିଲେ ଏବଂ ଆଉ କେତେକ ସାହାବାମାନେ ଏହାର ସପକ୍ଷରେ ନଥିଲେ, ସେମାନେ ଆପତି କଲେ ହଜ୍‌ରତ୍ ଅଫଲହ୍ ବିନ୍ ହମିଦ୍ ବର୍ଣ୍ଣନା କଲେ ଯେ ଯେତେବେଳେ ହଜ୍‌ରତ୍ ଉସ୍‌ମାନ୍ ର:ଅ ମେମ୍ବର ଉପରେ ଚଢ଼ି ଲୋକମାନଙ୍କର ରାୟ ଜାଣିବାକୁ ଚାହିଁଲେ ସେତେବେଳେ ମର୍‌ୱାନ୍ ବିନ୍ ହକମ୍ କହିଲେ ଅବଶ୍ୟ ଏହା ଏକ ପୂଣ୍ୟକର୍ମ। ତେଣୁ ଲୋକମାନଙ୍କର ରାୟ ନେବା କଣ ଆବଶ୍ୟକ। ଏହାଶୁଣି ହଜ୍‌ରତ୍ ଉସ୍‌ମାନ୍ ର:ଅ ତାଙ୍କୁ ଧିକ୍କାର କରି କହିଲେ। ତୁମର କଲ୍ୟାଣ ହେଉ ମୁଁ କୌଣସି ମାମଲାରେ ଲୋକମାନଙ୍କ ଉପରେ ବାଧ କରେନାହିଁ। ମତେ ସେମାନଙ୍କ ସହିତ ଅବଶ୍ୟ ପରାମର୍ଶ କରିବା ଉଚିତ। ମୁଁ ମନଇଚ୍ଛା କିଛି କରିବି ନାହିଁ ଯାହା କରିବି ଲୋକମାନଙ୍କ ପରାମର୍ଶ ନେଇ କରିବି। ତା'ପରେ ସମସ୍ତଙ୍କର ରାୟକୁ ଦୃଷ୍ଟି ଦେଇ ମସ୍‌ଜିଦ୍ ନବୱିର ଉତର ଦିଗରେ ଥିବା ଲୋକମାନଙ୍କ ଘରକୁ କିଣି, ଜାଗା ଅଧିଗ୍ରହଣ କଲେ। ଯଦିଚ କ୍ଷତିପୂରଣ ବାବଦରେ ଆପଣ ର:ଅ ସେହି ସାହାବାମାନଙ୍କୁ ଯଥେଷ୍ଟ ଅର୍ଥ ରାଶି ଦେଇଥିଲେ କିନ୍ତୁ ଏହା ସତ୍ୱେ ମଧ୍ୟ କିଛି ସାହାବା ନିଜର ଘର ଓ ଜାଗା ଦେବାକୁ ରାଜି ହେଲେ ନାହିଁ। ଚାରିବର୍ଷ ବିତି ଯାଇଥିଲେ ମଧ୍ୟ କିଛି ସୁଫଳ ମିଳିଲା ନାହିଁ। ହଜ୍‌ରତ୍ ଉବୈଦୁଲ୍ଲାଃ ଖୌଲାନି ର:ଅଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ଯେତେବେଳେ ସେହି ଲୋକମାନେ ନିଜର ଘର ଦେବାପାଇଁ ପଛଘୁଂଚା ଦେଇଥିଲେ ଓ ଯୁକ୍ତି ବାଢୁଥିଲେ ସେତେବେଳେ ମୁଁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ଏହା କହିବାର ଶୁଣିଛି ଯେ ସେ କହୁଥିଲେ: ତୁମେମାନେ ବହୁତ କଥା କହିସାରିଲଣି। ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଏହା କହିବାର ଶୁଣିଥିଲି ଯେ ଯିଏ ଅଲ୍ଲାଃ ତାଲାଙ୍କ ସାନିଧ ପ୍ରାପ୍ତ କରିବା ପାଇଁ ମସ୍‌ଜିଦ୍ ନିର୍ମାଣ କରିବ ଅଲ୍ଲାଃ ତାଲା ତା' ପ୍ରତିବଦଳରେ ତା' ପାଇଁ ବୈକୁଣ୍ଠରେ ସେହିପରି ଘର ନିର୍ମାଣ କରାଇବେ।

ସେହିପରି ହଜ୍‌ରତ୍ ମେହ୍‌ମୁଦ୍ ବିନ୍ ଲବିଦ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ, ଯେତେବେଳେ ହଜ୍‌ରତ୍ ଉସ୍‌ମାନ୍ ର:ଅ ମସ୍‌ଜିଦ୍ ନବୱିର ପୁନଃନିର୍ମାଣ କରିବା ପାଇଁ ମନସ୍ଥ କଲେ ସେତେବେଳେ କେତେକ ଲୋକଙ୍କୁ ତାଙ୍କର ଏହି ଯୋଜନା ପସନ୍ଦ ଲାଗିଲା ନାହିଁ। ସେମାନଙ୍କର ମତ ଥିଲା ଯେ ମସ୍‌ଜିଦ୍ ନବୱିକୁ ସେହିପରି ରହିବାକୁ ଦିଆଯାଉ ଯେଉଁଭଳି ତାହା ରସୁଲେ୍ କରିମ୍ ସ:ଆ:ସଙ୍କ ସମୟରେ ଥିଲା। ଏହା ଶୁଣି ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ ଯିଏ ଅଲ୍ଲାଃ ତାଲାଙ୍କୁ ପ୍ରସନ୍ନ କରିବା ପାଇଁ ମସ୍‌ଜିଦ୍ ନିର୍ମାଣ କରିବ ଅଲ୍ଲାଃ ତାଲା ତାହାର ପ୍ରତିବଦଳରେ ତା ପାଇଁ ବୈକୁଣ୍ଠରେ ସେହିପରି ଘର ନିର୍ମାଣ କରାଇବେ। ଯେତେବେଳେ ହଜ୍‌ରତ୍ ଉସ୍‌ମାନ୍ ଲୋକମାନଙ୍କୁ ଏଥିରେ ରାଜି କରିବାରେ ସଫଳ ହେଲେ ସେତେବେଳେ ରବିଉଲ୍ ମାସ ୨୯ ହିଜ୍‌ରୀ ଅର୍ଥାତ ନଭେମ୍ବର ମାସ ୬୪୯ ଖ୍ରୀଷ୍ଟାର୍ବ୍ଦରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ନିର୍ମାଣ କାର୍ଯ୍ୟରେ କେବଳ ଦଶ ମାସ ସମୟ ବ୍ୟତୀତ ହୋଇଥିଲା ଏବଂ ମୁହର୍ରମ୍ ମାସ ୧ ତାରିଖ ୩୦ ହିଜ୍‌ରୀରେ ମସ୍‌ଜିଦ୍ ନିର୍ମିତ ହୋଇଯାଇଥିଲା। ହଜ୍‌ରତ୍ ଉସ୍‌ମାନ ର:ଅ ସ୍ୱୟଂ ଉକ୍ତ ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟରେ ତତ୍ୱାବଧାରକ ଥିଲେ। ଦିନବେଳେ ହଜ୍‌ରତ୍ ଉସ୍‌ମାନ ର:ଅ ରୋଜା ରଖୁଥିଲେ ଏବଂ ରାତ୍ରବେଳା ଯଦି ନିଦ ବାଧ କରୁଥିଲା ସେତେବେଳେ ହଜ୍‌ରତ୍ ଉସ୍‌ମାନ ର:ଅ ମସ୍‌ଜିଦେ ନବୱୀରେ ବିଶ୍ରାମ ନେଉଥିଲେ। ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ସଫିନା ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ମୁଁ ଦେଖିଲି ଯେ ମସ୍‌ଜିଦ୍ ନିର୍ମାଣ ପାଇଁ ମସଲା ପ୍ରସ୍ତୁତ କରାଯାଇ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ନିକଟକୁ ଅଣାଯାଇଥିଲା ଓ ମୁଁ ଏହା ମଧ୍ୟ ଦେଖିଛି ଯେ ସେ ନିଜ ଗୋଡ଼ରେ ଛିଡ଼ା ହୋଇ କାରିଗରମାନଙ୍କଠାରୁ କାମ କରାଉଥିଲେ ଓ ଯେତେବେଳେ ନମାଜର ସମୟ ହୋଇଯାଉଥିଲା, ସେମାନଙ୍କ ସହିତ ନମାଜ ପଢୁଥିଲେ। ବେଳେବେଳେ ସେଠାରେ ଶୋଇ ପଡୁଥିଲେ। ହଜ୍‌ରତ୍ ଉସ୍‌ମାନ ର:ଅ ମସ୍‌ଜିଦେ୍ ନବୱୀରେ ଦକ୍ଷିଣ ଭାଗ ସ୍ଥିତ କିବ୍‌ଲା ଦିଗର ପ୍ରଶସ୍ତିକରଣ କରିଥିଲେ ଏବଂ ଉକ୍ତ କିବ୍‌ଲାର କାନ୍ଥକୁ ସେହି ସ୍ଥାନ ପର୍ଯ୍ୟନ୍ତ ଲମ୍ବାଇ ନେଇଥିଲେ ଯାହା ଆଜି ପର୍ଯ୍ୟନ୍ତ ଦଣ୍ଡାୟମାନ ରହିଛି ତାହାର ଉତର ଦିଗକୁ ପ୍ରାୟ ୨୫ ମିଟର ବଢ଼ାଇ ଦିଆଗଲା ଓ କିଛିଟା ପ୍ରସାରଣ ଦକ୍ଷିଣ ଦିଗରେ ମଧ୍ୟ କରାଗଲା। କିନ୍ତୁ ପୂର୍ବ ଦିଗରେ, ଯେଉଁଠି ପବିତ୍ର ହୁଜ୍‌ରାତ୍ ଗୁଡ଼ିକ ଥିଲା ସେହି ସ୍ଥାନକୁ ବଢ଼ାଗଲା ନାହିଁ। ତା'ପରେ ମସ୍‌ଜିଦ୍ ନବୱିର ମୋଟ କ୍ଷେତ୍ରଫଳ ପ୍ରାୟ ୭୫x୮୦ ମିଟର ହୋଇଗଲା।

ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଶାସନରେ ମସ୍‌ଜିଦ୍‌ର କାନ୍ଥର ସଂଖ୍ୟା ଛଅ ଥିଲା। ମସ୍‌ଜିଦେ ନବୱୀର ପଥର ଉପରେ ପ୍ରଥମ ଥର ପାଇଁ କାରୁକାର୍ଯ୍ୟ ହୋଇଥିଲା। ଧଳା ରଙ୍ଗର ଲେପନ କରାଯାଇଥିଲା। ହଜ୍‌ରତ୍ ଖାରଜା ବିନ୍ ଜୈଦ୍‌ଙ୍କ ବର୍ଣ୍ଣନାନୁଯାୟୀ ହଜ୍‌ରତ୍ ଉସ୍‌ମାନ ର:ଅ ମସ୍‌ଜିଦେ୍ ନବୱୀର ପୂର୍ବ ଭାଗ ଏବଂ ପଶ୍ଚିମ ଭାଗର କାନ୍ଥରେ ଆଲୋକ ବାତାୟନ ରଖିଥିଲେ। ମସ୍‌ଜିଦ୍‌ର ପ୍ରଶସ୍ତିକରଣ ପାଇଁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ଯେଉଁ ଘରଗୁଡ଼ିକୁ ନେଇଥିଲେ ସେଥିରେ ଉମ୍ମୁଲ୍ ମୁମିନିନ୍ ହଜ୍‌ରତ୍ ହଫ୍‌ସା ର:ଅଙ୍କ ହୁଜ୍‌ରାଃ (ଘର ମଧ୍ୟ ସାମିଲ ଥିଲା। ତାଙ୍କୁ ଏହାର ପ୍ରତିବଦଳରେ କିବ୍‌ଲା ପଟକୁ ଥିବା କାନ୍ଥ ସହିତ ସଂଲଗ୍ନ ଦକ୍ଷିଣପୂର୍ବ ଦିଗରେ ଘର ଦିଆଗଲା। ଏକ ଝରକା ଜରିଆରେ ତାଙ୍କର ଯାତାୟାତ ସେହି ହୁଜ୍‌ରା ପର୍ଯ୍ୟନ୍ତ ଯଥାସମ୍ଭବ ସହଜ କରିଦିଆଗଲା। ଏତଦ୍‌ବ୍ୟତୀତ ହଜ୍‌ରତ୍ ଜାଫର୍ ବିନ୍ ଅବୁ ତାଲିବ୍ ର:ଅଙ୍କ ସମ୍ପତିରୁ

ତାଙ୍କ ଘରର ଅଧା ଭାଗ ଏକ ଲକ୍ଷ ଦିର୍‌ହମ୍ ଦେଇ ଖରିଦ୍ କରାଗଲା । ସେହିପରି ଦାରୁଲ୍ ଅବ୍‌ବାସର କିଛି ଅଂଶ କିଣାଯାଇ ମସ୍‌ଜିଦ୍ ନବଓ୍ୱିରେ ସାମିଲ କରାଗଲା । କିବ୍‌ଲାର କାନ୍ଥକୁ ଦକ୍ଷିଣ ପଟକୁ ନେଇଯିବା ବ୍ୟତିତ ସବୁଠାରୁ ବଡ଼ ଫରକ ମସ୍‌ଜିଦ୍ ନବଓ୍ୱିରେ ଏହା ହେଲା ଯେ ମେହ୍‌ରାବ୍ ନବଓ୍ୱିର ସ୍ଥାନରେ ମକାମେ କିବ୍‌ଲା ମଧ ତା' ସିଧାରେ ଏତେମାତ୍ରାରେ ଆଗକୁ ନେଇ ନିଆଗଲା ଯେଉଁ ପର୍ଯ୍ୟନ୍ତ କିବ୍‌ଲାର କାନ୍ଥକୁ ନିଆଯାଇଥିଲା । ତାହା ଅବିକଳ ସେହି ସ୍ଥାନରେ ଥିଲା ଯେଉଁଠି ଆଜିକାଲି ଆମେ ମେହ୍‌ରାବେ ଉସ୍‌ମାନିକୁ ଦେଖିଥାଉଁ । ସେଠାରେ ଇଲାମତି ମେହ୍‌ରାବ୍ ମଧ ତିଆରି କରାଯାଇଥିଲା । ମାଟି କାଦୁଅର ମସଲା ସ୍ଥାନରେ ସେ ପେଶା ଯାଇଥିବା ପଥର ଅର୍ଥାତ ପଥରଗୁଣ୍ଡକୁ ବ୍ୟବହାର କରିଥିଲେ ଏବଂ ପଥର ଦ୍ୱାରା ନିର୍ମାଣ କରାଯାଇଥିବା ସ୍ତମ୍ଭ (ଖୁଂଟି)ଗୁଡ଼ିକରେ ସିସା ଦ୍ୱାରା ନିର୍ମିତ ରଡ଼ (ଛଡ଼) ପକାଯାଇଥିଲା ।

ମସ୍‌ଜିଦ୍ ନିର୍ମାଣରେ ଏହି କଥାର ବିଶେଷ ଧ୍ୟାନ ଦିଆଗଲା ଯେ, ନୂତନ ସ୍ତମ୍ଭଗୁଡ଼ିକ ସେହି ପୂରାତନ ସ୍ତମ୍ଭ ସ୍ଥାନରେ ସଳଖ କରାଯାଉ ଯେଉଁଠି ନବୀ କରିମ ସ:ଆ:ସଙ୍କ ପବିତ୍ର ସମୟରେ ଖଜୁରୀର ଗଣ୍ଡି ଦ୍ୱାରା ନିର୍ମାଣ ସ୍ତମ୍ଭ ହୋଇଥିଲା । ନିର୍ମାଣ କାର୍ଯ୍ୟରେ ଯେଉଁ ସାମଗ୍ରୀ ବ୍ୟବହାର ହୋଇଥିଲା ଓ ଯେଉଁ ନିର୍ମାଣ ଶୈଳୀକୁ ଅପଣା ଯାଇଥିଲା ତାହା ସେହିପରି ଥିଲା ଯେଉଁପରି ଯେରୁଜେଲମ୍‌ରେ ସଖ୍‌ରା ଗୁବନ୍ଦ ନିର୍ମାଣରେ ବାଜ୍‌ନତିନିୟୋଁମାନେ ବ୍ୟବହାର କରିଥିଲେ । ଛାତ ଶିଶୁକାଠ ଦ୍ୱାରା ତିଆରି ହୋଇଥିଲା । ତାହା କାଠ ଓରା ଉପରେ ରଖଯାଇଥିଲା ଓ ତାହା ସିସା ପୁରା ହୋଇଥିବା ପଥର ସ୍ତମ୍ଭ ଉପରେ ସ୍ଥାପନ କରାଯାଇଥିଲା । ଯେହେତୁ ହଜ୍‌ରତ୍ ଉମର ର:ଅଙ୍କ ଶାହାଦତ୍ ମେହ୍‌ରାବ୍ ନବଓ୍ୱିଠାରେ ନମାଜ ପଢ଼ାଇଥିବା ସମୟରେ ହୋଇଥିଲା । ତେଣୁ ଏହି କଥାକୁ ସୁନିଶ୍ଚିତ କରିବା ପାଇଁ ଭବିଷ୍ୟତରେ ଯେପରି ଏଭଳି କୌଣସି ଅଘଟଣ ନଘଟୁ, ତେଣୁ ହଜ୍‌ରତ୍ ଉସ୍‌ମାନ ର:ଅ ମିହ୍‌ରାବ୍‌ର ସ୍ଥାନରେ ଏକ ମକ୍‌ସୁରା (ଅର୍ଥାତ ମସ୍‌ଜିଦ୍‌ରେ ଧାଡ଼ି ସମ୍ମୁଖରେ ଇମାମ୍ ପାଇଁ ଛିଡ଼ା ହୋଇ ନମାଜ ପଢ଼ାଇବା ପାଇଁ ସ୍ଥାନ ଯେଉଁଠି ମଂଚ ନିର୍ମିତ ହୋଇଥାଏ) ନିର୍ମାଣ କରାଇଲେ ଓ ତାହା ମାଟି ଇଟା ଦ୍ୱାରା ନିର୍ମିତ ହୋଇଥିଲା ଏବଂ ତହିଁରେ ଝରକା ରହିଥିଲା । କାରଣ ମୁକ୍‌ତଦି (ଇମାମ୍ ପଛରେ ଛିଡ଼ା ହୋଇ ନମାଜ ପଢୁଥିବା ନମାଜ ପାଠକାରୀ) ନିଜର ଇମାମ୍‌ଙ୍କୁ ଦେଖିପାରିବେ । ଏହା ହେଉଛି ପ୍ରଥମ ସୁରକ୍ଷାମୂଳକ ପଦକ୍ଷେପ ଯାହା ମସ୍‌ଜିଦେ୍ ନବଓ୍ୱୀର ନିର୍ମାଣରେ ବ୍ୟବହୃତ ହୋଇଥିଲା । ଯାହା ପରେ ଦମଶ୍‌କ୍‌ଠାରେ ବନୁ ଉମୈୟାର ଖଲିଫାମାନଙ୍କ ସୁରକ୍ଷା ନିମନ୍ତେ ନିୟମିତ ରୂପେ ପ୍ରୋଟୋକଲ୍‌ର ଅଂଶ ବିଶେଷ ହୋଇଯାଇଥିଲା ।

***(ଜୁସ୍ତଜୁଏ ମଦିନା..... ପୃ-୪୬୩-୪୬୫..... ପାକିସ୍ତାନ ୨୦୦୭) (ଉର୍ଦ୍ଧୁ ଲୁଗତ ତାରିଖ୍ ଓ୍ୱସୁଲୋଁ ପର ଖଣ୍ଡ-୧୮, ପୃ-୪୯୨ ଜେରେ ଲଫଜ୍ ମକ୍‌ସୁରାଃ)***

ଅର୍ଥାତ ମେହରାବ୍‌କୁ କାନ୍ଥ ରୂପେ ବନାଇ ସୁରକ୍ଷିତ କରାଯାଇଥିଲା କିନ୍ତୁ ମୁକ୍‌ତଦି (ଇମାମ୍‌ଙ୍କ ପଛରେ ନମାଜ ପଢୁଥିବା ଲୋକମାନେ) ଇମାମ୍‌ଙ୍କୁ ଦେଖିପାରୁଥିଲେ । ସେ ଯାହା ହେଉ ତା'ପରେ ପୁଣି ବିଭିନ୍ନ ସମୟରେ ମସ୍‌ଜିଦ୍‌ର ପ୍ରଶସ୍ତିକରଣ ହୋଇ ଚାଲିଥିଲା ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି ଯେ, ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ତ' ମୁଁ ହଜ୍‌ରତ୍ ସୁଲୈମାନ୍ ର:ଅଙ୍କ ସହିତ ତୁଳନା କରେ । ତାଙ୍କୁ ମଧ ଅଟ୍ଟାଳିକା ନିର୍ମାଣ କରିବାର ବହୁତ ସଉକ ଥିଲା । ହଜ୍‌ରତ୍ ଅଲୀ ର:ଅଙ୍କ (ଖିଲାଫତ) ସମୟରେ ଆଭ୍ୟନ୍ତରୀଣ ଫିତ୍‌ନା (ବିଭ୍ରାଟ) ଅବଶ୍ୟ ଥିଲା । ଗୋଟିଏ ପଟେ ମାଓ୍ୱିୟା ଥିଲେ ଅନ୍ୟ ପଟେ ଅଲୀ ର:ଅ ଥିଲେ । ସେହି ବିଭ୍ରାଟ ଯୋଗୁଁ ମୁସଲମାନମାନଙ୍କର ରକ୍ତ ବହିଲା । ଛଅ ବର୍ଷ ମଧରେ ଇସ୍‌ଲାମ୍ ପାଇଁ କୌଣସି କାରବାର ହେଲାନାହିଁ । ଇସ୍‌ଲାମ୍ ପାଇଁ ତ ଉସ୍‌ମାନ୍ ର:ଅଙ୍କ ପର୍ଯ୍ୟନ୍ତ ସମସ୍ତ ପଦକ୍ଷେପ ଶେଷ ହୋଇ ଯାଇଥିଲା । ତା'ପରେ ତ' ଗୃହଯୁଦ୍ଧ ଆରମ୍ଭ ହୋଇଗଲା" ।

***(ମଲ୍‌ଫୁଜାତ୍ ଖଣ୍ଡ-୮, ପୃ-୨୭୮)***

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି ଏହା ଆବଶ୍ୟକ ନୁହେଁ ଯେ, ମସ୍‌ଜିଦ୍ ଶୃଙ୍ଗାରିତ, ଅଂଳକୃତ ଏବଂ ପକ୍କା ଅଟ୍ଟାଳିକାର ହେବା ଦରକାର ତାହା ନୁହଁ । ବରଂ କେବଳ ଜମିକୁ ଅଧିଗ୍ରହଣ କରି ସେଠରେ ମସ୍‌ଜିଦ୍‌ର ସୀମା ନିର୍ଦ୍ଧାରଣ କରି ତାହାକୁ ରୋକିଦେବା ଉଚିତ ଏବଂ ବାଉଁଶ ଆଦି କୌଣସି ଛଣରେ ତିଆର ଛପର ପକାଇ ଦିଅ ଯେପରି ବର୍ଷାରୁ ନିସ୍ତାର ମିଳିବ । ଅଲ୍ଲାଃ ତାଲା କୃତ୍ରିମତାକୁ କଦାପି ପସନ୍ଦ କରନ୍ତି ନାହିଁ । ଆଁ ହଜ୍‌ରତ୍ ସ:ଆ:ସଙ୍କ ମସ୍‌ଜିଦ୍ କେତେଖଣ୍ଡ ଖଜୁରୀରର ଶାଖା ଦ୍ୱାରା ନିର୍ମିତ ହୋଇଥିଲା ଏବଂ ସେହିପରି ଚଳି ଆସିଥିଲା । ଏହାପରେ ପୁନଶ୍ଚ ଯେତେବେଳେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଖିଲାଫତ୍ ଆସିଲା ସେତେବେଳେ ଯେହେତୁ ତାଙ୍କୁ ଅଟ୍ଟାଳିକା ନିର୍ମାଣ କରିବାର ସଉକ ଥିଲା ତେଣୁ ସେ ସେହି ଛାତକୁ ପକ୍କା ଛାତରେ ପରିଣତ କରି ଦେଇଥିଲେ । ମୁଁ ଭାବୁଛି ଯେ ହଜ୍‌ରତ୍ ଉସ୍‌ମାନ ର:ଅ ଓ ହଜ୍‌ରତ୍ ସୁଲୈମାନ୍ ର:ଅ ଶବ୍ଦ ପରସ୍ପର ସହିତ ସାମଞ୍ଜସ୍ୟ ରକ୍ଷା କରୁଛନ୍ତି ଏବଂ ବୋଧହୁଏ ଏହି ସାମଞ୍ଜସ୍ୟତା ଯୋଗୁଁ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ସେହି କଥାର ଅଭିରୁଚି ରହିଥିଲା ।

***(ମଲ୍‌ଫୁଜାତ୍ ଖଣ୍ଡ-୭, ପୃ-୧୧୯)***

ଅଲ୍‌ଅହ୍‌ରାମ୍ ମସ୍‌ଜିଦ୍‌ର ପ୍ରଶସ୍ତିକରଣ ୨୬ ହିଜ୍‌ରୀରେ ହୋଇଥିଲା । ୨୬ ହିଜ୍‌ରୀରେ ହଜ୍‌ରତ୍ ଉସ୍‌ମାନ୍ ର:ଅ ହରମ୍‌ରେ ଥିବା ଚିହ୍ନଗୁଡ଼ିକୁ ପୁନଃ ନିର୍ମାଣ କଲେ ଏବଂ ମସ୍‌ଜିଦ୍ ହରାମ୍‌ର ପ୍ରସାରଣ କରାଇଲେ ଏବଂ ଆଖପାଖର ଘରଗୁଡ଼ିକୁ କିଣି ମସ୍‌ଜିଦ୍ ହରାମ୍‌ରେ ସାମିଲ କରାଇଦେଲେ । କିଛି ଲୋକ ସମ୍ମତି ଜଣାଇ ଘର ଗୁଡ଼ିକୁ ବିକ୍ରି କରିଦେଲେ । କିନ୍ତୁ କେତେକ ଲୋକେ ଘର ବିକ୍ରି କରିବାପାଇଁ ରାଜି ହେଲେନାହିଁ । ହଜ୍‌ରତ୍ ଉସ୍‌ମାନ୍ ର:ଅ ସେମାନଙ୍କୁ ଯଥା ସମ୍ଭବ ରାଜି କରାଇବା ପାଇଁ ଚେଷ୍ଟା କଲେ କିନ୍ତୁ ପୁଣି ମଧ ସେମାନେ ନିଜ କଥାରେ ଅଟଳ ରହିଲେ । ଶେଷରେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ନିର୍ଦ୍ଦେଶ ମୁତାବକ ସେହି ସମସ୍ତ ଘରଗୁଡ଼ଇକୁ ଭାଙ୍ଗି ଦିଆଗଲା ଓ ତାହାର ମୂଲ୍ୟ ବଇତୁଲ୍ ମାଲ୍‌ରେ ଜମା କରିଦେଲେ । ଏଥିରେ ସେହି ଲୋକମାନେ ହଜ୍‌ରତ ଉସ୍‌ମାନ୍ ର:ଅଙ୍କ ବିରୋଧରେ ସ୍ୱର ଉତୋଳନ କଲେ । ଫଳତଃ ହଜ୍‌ରତ୍ ଉସ୍‌ମାନ୍ ର:ଅ ସେମାନଙ୍କୁ ଗିରଫ କରି ଜେଲ ପଠାଇ ଦେବାକୁ ନିର୍ଦ୍ଦେଶ ଦେଲେ । ପୁଣି ସେମାନଙ୍କୁ ସମ୍ବୋଧନ କରି କହିଲେ: କଣ ତୁମେମାନେ ଏହା ଜାଣିଛ କି କେଉଁ କାରଣ ଯୋଗୁଁ ତୁମର ମୋ ବିରୁଦ୍ଧରେ ଏପରି ସାହାସ ହେଲା ? ସେହି ସାହାସର କାରଣ ହେଉଛି କେବଳ ମୋର ଉଦାରତା ଓ ନମ୍ରତା । ହଜ୍‌ରତ୍ ଉମର୍ ର:ଅ ମଧ ତୁମମାନଙ୍କ ସହିତ ଏହିପରି ବ୍ୟବହାର କରିଥିଲେ କିନ୍ତୁ ତାଙ୍କ ବିରୋଧରେ ତୁମେମାନେ କୌଣସି ହଙ୍ଗାମା କଲ ନାହିଁ । ତା'ପରେ ଅବ୍‌ଦୁଲ୍ଲାଃ ବିନ୍ ଖାଲିଦ୍ ବିନ୍ ଉସୈଦ୍ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ନିକଟରେ ସେହି ହଙ୍ଗାମା କରୁଥିବା ଲୋକମାନଙ୍କ ସମ୍ବନ୍ଧରେ କଥା ହେଲେ ଫଳତଃ ସେମାନଙ୍କୁ ଛାଡ଼ି ଦିଆଗଲା ।

***(ତାରିଖେ ତିବ୍‌ରି ଖଣ୍ଡ-୫, ପୃ-୯୨...... ବେରୁତ ୨୦୦୨)***

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଇସ୍‌ଲାମ୍‌ରେ ପ୍ରଥମ ନୌସେନା ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଶାସନରେ ୨୮ ହିଜ୍‌ରୀରେ ନିର୍ମାଣ ହୋଇଥିଲା । ଅମୀର ମୁଆଓ୍ୱିୟା ବିନ୍ ଅବୁ ସୁଫିୟାନ୍ ସେହି ପ୍ରଥମ ବ୍ୟକ୍ତି ଥିଲେ ଯିଏ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଖିଲାଫତ୍ ସମୟରେ ସାମୁଦ୍ରିକ ଯୁଦ୍ଧ କରିଥିଲେ । ଅମୀର ମାଓ୍ୱିୟା ହଜ୍‌ରତ୍ ଉମର୍ ର:ଅଙ୍କଠାରୁ ମଧ ସାମୁଦ୍ରିକ ଯୁଦ୍ଧ କରିବାକୁ ଅନୁମତି ମାଗିଥିଲେ କିନ୍ତୁ ସେ ଅନୁମତି ଦେଇନଥିଲେ । ଯେବେ ହଜ୍‌ରତ୍ ଉସ୍‌ମାନ୍ ଖଲିଫା ହେଲେ, ସେତେବେଳେ ଅମୀର ମାଓ୍ୱିୟା ତାଙ୍କଠାରୁ ବାରମ୍ବାର ଏ ବିଷୟରେ ଚର୍ଚ୍ଚା କରି ଅନୁମତି ମାଗିଲେ, ପରିଶେଷରେ ହଜ୍‌ରତ୍ ଉସ୍‌ମାନ୍ ର:ଅ ଅନୁମତି ଦେଇଦେଲେ ଓ କହିଲେ ଯେ ତୁମେ ନିଜ ଲୋକମାନଙ୍କୁ ଚୟନ କରିବନାହିଁ ଓ ନା ସେମାନଙ୍କ ମଧରେ ଗୋଳା ପକାଇବ ବରଂ ସେମାନଙ୍କୁ ବିକଳ୍ପ ବାଛିବା ପାଇଁ ଅକ୍ତିଆର ଦେବ । ତା'ପରେ ଯିଏ ନିଜ ଖୁସିରେ ଏହି ଯୁଦ୍ଧରେ ସାମିଲ ହେବାକୁ ଚାହିଁବେ ତାଙ୍କୁ ସାଥିରେ ନେଇଯାଅ ଓ ତାଙ୍କୁ ସାହାଯ୍ୟ କର । ଅତଏବ ଅମୀର ମାଓ୍ୱିୟା ସେହିପରିକଲେ । ସେ ଅବ୍‌ଦୁଲ୍ଲାଃ ବିନ୍ କୈସ୍ ଜାସିଙ୍କୁ ସାମୁଦ୍ରିକ ସେନାର ଅମୀର ନିଯୁକ୍ତି କଲେ । ସେ ସମୁଦ୍ରରେ ଗ୍ରୀଷ୍ମ ଋତୁ ଓ ଶୀତ ଦିନରେ ପଚାଶଟି ଯୁଦ୍ଧ କଲେ । ଏହି ସମସ୍ତ ଯୁଦ୍ଧରେ ମୁସଲମାନମାନଙ୍କର ନା ତ କୌଣସି ସିପାହୀ ପାଣିରେ ବୁଡ଼ିଲେ ଓ ନା କୌଣସି ପ୍ରକାରର କାହାକୁ କ୍ଷତି ହେଲା ।

***(ତାରିଖେ ତିବ୍‌ରି ଖଣ୍ଡ-୫, ପୃ-୯୭)......***

ରିଓ୍ୱାୟତ୍‌ରେ ଆସୁଛି ଯେ ଚରିତ୍ର ଅନୁଯାୟୀ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ସବୁଠାରୁ ଅଧିକା ସମାନତା ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ଥିଲା । ହଜ୍‌ରତ୍ ଅବ୍‌ଦୁର ରହ୍‌ମାନ୍ ବିନ୍ ଉସ୍‌ମାନ ର:ଅ ବର୍ଣ୍ଣନା କରୁଛନ୍ତି ଯେ, ରସୁଲୁଲ୍ଲାଃ ସ:ଆ:ସ ନିଜ ଝିଅଙ୍କ ନିକଟକୁ ଆସିଲେ, ସେତେବେଳେ ସେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ମୁଣ୍ଡକୁ ଧୋଇ ଦେଉଥିଲେ । ଆଁ ହଜ୍‌ରତ୍ ସ:ଆ:ସ କହିଲେ ହେ ମୋର ସୁପୁତ୍ରୀ ! ଅବୁ ଅବ୍‌ଦୁଲ୍ଲାଃ ଅର୍ଥାତ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସହିତ ସଦବ୍ୟବହାର ପ୍ରଦର୍ଶନ କର । କାରଣ ସେ ମୋ ସାହାବାମାନଙ୍କ ମଧରୁ ମୋ ଚରିତ୍ର ସହିତ ସର୍ବାଧିକ ସାମଞ୍ଜସ୍ୟତା ରକ୍ଷା କରୁଛନ୍ତି ।

***(ମଜ୍‌ମୁଅଜ୍ ଜଓ୍ୱାଇଦ୍...... ଖଣ୍ଡ-୭, ପୃ-୫୮.... ହଦିସ୍ ନଂ-୧୪୫୦୦...... ବେରୁତ ୨୦୦୧)***

ହଜ୍‌ରତ ଯହୟା ବିନ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ହାତିବ୍ ର:ଅ ବର୍ଣ୍ଣନା କରନ୍ତି ଯେ, ମୁଁ ନିଜର ପିତାଙ୍କୁ ଏହା କହୁଥିବାର ଶୁଣିଲି ଯେ, ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କ ମଧରେ ସାହାବାମାନଙ୍କ କଥାକୁ ସଂପୂର୍ଣ୍ଣ ଏବଂ ସୁନ୍ଦର ଢ଼ଙ୍ଗରେ କହିବାର ଶୈଳୀ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ବ୍ୟତୀତ ଅନ୍ୟ କୌଣସି ସାହାବାଙ୍କୁ ଦେଖିନାହିଁ । ହଜ୍‌ରତ୍ ଉସ୍‌ମାନ ର:ଅ କିନ୍ତୁ ଅଯଥା କଥା କହିବାରୁ ସର୍ବଦା ନିବୃତ ରହୁଥିଲେ ।

***(ତବକାତୁଲ୍ କୁବ୍‌ରା....ଖଣ୍ଡ-୩, ପୃ-୩୨........ ବେରୁତ ୧୯୯୬)***

ହଜ୍‌ରତ ଅବୁ ହୁରୈରାହ୍ ର:ଅ ବର୍ଣ୍ଣନା କରନ୍ତି ଯେ, ମୁଁ ହଜ୍‌ରତ୍ ରୁକିୟା ବିନ୍‌ତ ରସୁଲୁଲ୍ଲାଃ ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲି ବୋଧ ହୁଏ ଏଠାରେ ହଜ୍‌ରତ୍ ରୁକୈୟାଙ୍କ ସ୍ଥାନରେ ହଜ୍‌ରତ୍ ଉମ୍ମେ କୁଲ୍‌ସୁମ୍ ର:ଅ ହୋଇପାରନ୍ତି କାରଣ ରିଓ୍ୱାୟତ୍‌ରେ ଆସୁଛି ଯେ ବଦର ଯୁଦ୍ଧ ଅବସରରେ ହଜ୍‌ରତ୍ ରୁକୈୟାଙ୍କର ଦେହାନ୍ତ ହୋଇଯାଇଥିଲା ଏବଂ ହଜ୍‌ରତ୍ ଅବୁ ହୁରୈରାଃ ର:ଅ ତାଙ୍କ ଦେହାନ୍ତର ପାଂଚବର୍ଷ ପରେ ମୁସଲମାନ ହୋଇଥିଲେ ଓ ମଦିନା ଆସିଥିଲେ । ତେଣୁ ଏଠାରେ ହଜ୍‌ରତ୍ ଉମ୍ମେ କୁଲ୍‌ସୁମ୍ ହୋଇପାରନ୍ତି କାରଣ ତାଙ୍କର ଦେହାନ୍ତ ୯ ହିଜ୍‌ରୀରେ ହୋଇଥିଲା । ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କ ସୁପୁତ୍ରୀଙ୍କ ସେବାରେ ଉପସ୍ଥିତ ହେଲି, ଯିଏ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ପତ୍ନୀ ଥିଲେ ଏବଂ ତାଙ୍କ ହସ୍ତରେ ପାନିଆ ଥିଲା । ସେ କହିଲେ ଯେ, ଆଁ ହଜ୍‌ରତ୍ ସ:ଆ:ସ ବର୍ତମାନ ମୋ ନିକଟରୁ ଯାଇଛନ୍ତି ଏବଂ ମୁଁ ଆପଣଙ୍କ ମୁଣ୍ଡରେ ପାନିଆ କରିଛି । ତେବେ ସେ ମୋତେ ପଚାରିଲେ ଯେ, ତୁମେ ଅବୁ ଅବ୍‌ଦୁଲ୍ଲାଃ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ କେମିତି ଦେଖିବାକୁ ପାଇଛ ? ମୁଁ କହିଲି ଅତି ଉତମ । ତେବେ ଆଁ ହଜ୍‌ରତ୍ ସ:ଆ:ସ ନିଜ ସୁପୁତ୍ରୀଙ୍କୁ କହିଲେ ତେବେ ତାଙ୍କ ପ୍ରତି ସଦ୍‌ବ୍ୟବହାର ପ୍ରଦର୍ଶନ କର । କାରଣ ସେ ମୋର ସାହାବାମାନଙ୍କ ମଧରୁ ଚରିତ୍ରରେ ସର୍ବୋଚ୍ଚ ଚରିତ୍ରବାନ ଏବଂ ମୋ ସହିତ ସାମଞ୍ଜସ୍ୟତା ରଖୁଥିଲେ ।

***(ମଜ୍‌ମୁଅଜ୍ ଜୱାଇଦ୍...... ଖଣ୍ଡ-୭, ପୃ-୫୮.... ହଦିସ୍ ନଂ-୧୪୫୦୧...... ବେରୁତ ୨୦୦୧)***

ବର୍ତମାନ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସଂପର୍କିତ ଆଲୋଚ୍ୟ ଚର୍ଚ୍ଚାଟି ଏଠାରେ ସମାପ୍ତ ହେଲା ।

ଖୁତ୍‌ବା ଜୁମ୍ମାର ଶେଷ ପର୍ଯ୍ୟାୟରେ ହଜୁର ଅନୱର ଅ:ବ:ଅ କହିଲେ ବର୍ତମାନ ମୁଁ କେତେକ ମୃତକଙ୍କ ବିଷୟରେ ଚର୍ଚ୍ଚା କରିବାକୁ ଚାହୁଁଛି ଯେଉଁମାନଙ୍କର ବିଗତ ଦିନରେ ମୃତ୍ୟୁ ଘଟିଥିଲା ଏବଂ ନମାଜ ଜୁମ୍ମା ପରେ ଏହି ମୃତକମାନଙ୍କର ନମାଜ ଯନାଜାଃ ପଢ଼ାଇବି । ତନ୍ମଧ୍ୟରୁ ସର୍ବପ୍ରଥମ ଯନାଜାଃ ହେଉଛି ମୁବଶୀର୍ ଅହେମଦ ରିନ୍ଦ ସାହେବ୍ ଇବ୍‌ନେ ଅହ୍‌ମଦ୍ ବଖଶ୍ ସାହେବ ମୁଅଲ୍ଲିମ ୱକ୍‌ଫେ ଜଦିଦ୍ ରବୱାଙ୍କର । ୧୦ ମାର୍ଚ୍ଚ ଦିନ ତାଙ୍କର ଦେହାନ୍ତ ହୋଇଗଲା । ***ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍*** । ତାଙ୍କର ସମ୍ବନ୍ଧ ରିନ୍ଦା ବସ୍ତି ଜିଲ୍ଲା ଡ଼େରା ଗାଜି ଖାନ୍ ସହିତ ଥିଲା । ସେ ଜନ୍ମଗତ ଅହେମଦୀ ଥିଲେ । ୧୯୯୦ ମସିହାରେ ଥର୍‌ପାର୍‌କର୍‌ଠାରୁ ସେ ୱକ୍‌ଫେ ଜଦିଦ୍‌ର ମୁଅଲ୍ଲିମ୍ ଭାବରେ ସେବା ଆରମ୍ଭ କରିଥିଲେ । ପୁଣି ବିଭିନ୍ନ ସ୍ଥାନରେ ମୁଅଲ୍ଲିମ୍ ରୂପେ ଓ ଇନିସ୍‌ପେକ୍ଟର ଭାବରେ କାମ କରିଛନ୍ତି । ଯେଉଁଠାକୁ ତାଙ୍କୁ ପଠାଯାଇଛି ସେ ସର୍ବଦା ପ୍ରସ୍ତୁତ ହୋଇଯାଇଛନ୍ତି । କେବେ ବି କୌଣସି ବାହାନା କରିନାହାନ୍ତି । ୱକ୍‌ଫ୍‌କୁ ସର୍ବଦା ନିଷ୍ଠାର ସହିତ ନିର୍ବାହ କରିବା ପାଇଁ ଚେଷ୍ଟା କରିଛନ୍ତି । ନିଜ ପର ସମସ୍ତେ ତାଙ୍କ ସମ୍ବନ୍ଧରେ ଲେଖିଛନ୍ତି ଯେ ସେ ଅତ୍ୟନ୍ତ ପରିଶ୍ରମି, ପ୍ରାର୍ଥନାକାରୀ, ନିୟମିତ ତହଜ୍ଜୁଦ୍ ପାଠକାରୀ, ଉତମ ଦାଇ ଇଲଲ୍ଲାହ୍, ଉତମ ବକ୍ତା, ବହୁତ ମେଳାପୀ, ଅତିଥି ପରାୟଣ, ଖୁସି ମିଜାଜ୍ ଓ ବିନମ୍ର ବ୍ୟକ୍ତି ଥିଲେ । ସର୍ବଦା ନମ୍ର କଥା କହୁଥିଲେ ଓ ମିଠା କଥା କହୁଥିଲେ । କିନ୍ତୁ ନିଜାମେ ଜମାତ୍ ଓ ଖିଲାଫତ୍ ବିରୁଦ୍ଧରେ ଯଦି କୌଣସି କଥା ଶୁଣୁଥିଲେ, ସେତେବେଳେ ଭିଷଣ କଠୋର ହୋଇଯାଉଥିଲେ ଓ ସେ ପର୍ଯ୍ୟନ୍ତ ସେହି ସ୍ଥାନରୁ ଯାଉନଥିଲେ ଯେ ପର୍ଯ୍ୟନ୍ତ ଏପରି ବିରୋଧାଭାଷ କରୁଥିବା ବ୍ୟକ୍ତିର ସୁଧାର ନ କରି ନେଉଥିଲେ । ତାଙ୍କ ଅନ୍ତେ ତାଙ୍କ ପରିବାରରେ ତାଙ୍କ ପତ୍ନୀଙ୍କ ବ୍ୟତୀତ ଦୁଇ ଜଣ ପୁଅ ଓ ତିନିଜଣ ଝିଅ ଅଛନ୍ତି । ତାଙ୍କର ସାନ ପୁଅ ଅଜିଜମ୍ ଶାଜିଲ୍ ଅହ୍‌ମଦ୍ ଜାମିଆ ଅହେମଦୀୟା ରବ୍‌ୱାରେ ଦରଜା ସାଲ୍‌ସା (ତୃତୀୟ ଶ୍ରେଣୀ)ର ଛାତ୍ର । ଅଲ୍ଲାଃ ତାଲା ମର୍‌ହୁମଙ୍କ ସହିତ କ୍ଷମା ଓ ଦୟା ଆଚରଣ କରନ୍ତୁ ।

ଦ୍ୱିତୀୟ ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ମୁନୀର୍ ଅହେମଦ୍ ଫର୍ଖ୍ ସାହେବ ପୂର୍ବତନ ଅମୀର ଜମାତ୍ ଜିଲ୍ଲା ଇସ୍‌ଲାମାବାଦ୍‌ଙ୍କର ବହୁ ଦିନ ହେବ ରୋଗରେ ପିଡ଼ିତ ହେବା ପରେ ୯ ମାର୍ଚ୍ଚ ୨୦୨୧ ଦିନ କାନାଡ଼ାରେ ୮୪ ବର୍ଷ ବୟସରେ ତାଙ୍କର ଦେହାନ୍ତ ହେଲା ***ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍*** । ସେ ୧/୯ ଅଂଶ ୱସିୟତ କରିଥିଲେ । ମୁନୀର ଫର୍ଖ ସାହେବ୍ ଇଞ୍ଜିନିୟରଙ୍କ ଜେଜେଙ୍କ ନାମ ହଜ୍‌ରତ୍ ମୁନ୍‌ଶି ଅହ୍‌ମଦ୍ ବଖ୍‌ଶ ସାହେବ ର:ଅ ଥିଲା । ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବି ଥିଲେ । ସେ କାଦିଆନ୍ ଯାଇ ୧୯୦୩ ମସିହାରେ ଜଲ୍‌ସା ସାଲାନା ସମୟରେ ବୟତ କରିବାର ସୌଭାଗ୍ୟ ପାଇଥିଲେ । ଫର୍ଖ ସାହେବଙ୍କ ବାପାଙ୍କ ନାମ ଡ଼ାକ୍ତର ଚୌଧୁରୀ ଅବ୍‌ଦୁଲ୍ ଅହଦ୍ ସାହେବ ଥିଲା । ସେ ଏମ୍‌ଏସ୍‌ସି ଏବଂ ପିଏଚ୍‌ଡ଼ି କରିଥିଲେ । ପିଏଚ୍‌ଡ଼ି ଏଗ୍ରିକଲ୍‌ଚରରେ କରିଥିଲେ । ସେ ସମୟରେ ପିଏଚ୍‌ଡ଼ି କରିବା ବୁଦ୍ଧିମାନ ଛାତ୍ରଙ୍କର କାମ ଥିଲା । ସେ କିଛି ଦିନ ପାଇଁ ଲାଏଲ୍‌ପୁରର ଅମୀର ଭାବରେ ସେବା କରିଛନ୍ତି । ୧୯୪୪ ମସିହାରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ ଯେତେବେଳେ ଅହେମଦୀ ଯୁବକମାନଙ୍କୁ, ବିଶେଷରୂପେ ବୈଜ୍ଞାନିକମାନଙ୍କୁ ଧର୍ମ ସେବା କରିବାପାଇଁ ୱକ୍‌ଫ୍ ହେବାକୁ ଆହ୍ୱାନ କଲେ ସେତେବେଳେ ଫର୍ଖ ସାହେବଙ୍କ ବାପା ଡ଼ାକ୍ତର ଅବ୍‌ଦୁର୍ ଅହଦ୍ ସାହେବ ମଧ୍ୟ ନିଜକୁ ୱକ୍‌ଫ କରିଦେଲେ । ସରକାରୀ ଚାକିରିକୁ ଛାଡ଼ି ପରିବାରବର୍ଗଙ୍କୁ ସାଥିରେ ଧରି କାଦିଆନ୍ ଚାଲିଆସିଲେ । ହଜ୍‌ରତ୍ ଖଲିଫା ସାନି ର:ଅଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଫଜଲ ଉମର୍ ରିସର୍ଚ୍ଚ ଇନ୍‌ସିଚ୍ୟୁଟ୍ ସ୍ଥାପନ ହୋଇସାରିଥିଲା । ହଜୁର ର:ଅ ତାଙ୍କୁ ସେହି ଇନ୍‌ସିଚ୍ୟୁଟର ଡ଼ାଇରେକ୍ଟର ଭାବେ ନିଯୁକ୍ତି ଦେଲେ ଓ ତତ୍‌ସହିତ ତାଲିମୁଲ୍ ଇସ୍‌ଲାମ୍ କଲେଜ୍‌ରେ ବିଜ୍ଞାନ ଶିକ୍ଷକ ଭାବରେ ନିଯୁକ୍ତି ପାଇଲେ ।

ଫର୍ଖ ସାହେବ୍ ୟୁନିଭରସିଟି ଅଫ୍ ଇଞ୍ଜିନିୟରି ଏଣ୍ଡ ଟେକ୍‌ନୋଲୋଜିରେ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂର ଡ଼ିଗ୍ରୀ ହାସଲ କରିଥିଲେ । ଆରମ୍ଭରେ ବିଭିନ୍ନ ସ୍ଥାନରେ କାମ କରିଛନ୍ତି । ପୁଣି ଟେଲିଗ୍ରାଫ୍ ଏଣ୍ଡ ଟେଲିଫୋନ୍ ଡ଼ିପାର୍ଟମେଂଟ ଅଫ୍ ପାକିସ୍ତାନ ଗଭର୍ଣ୍ଣମେଂଟରେ ଚାକିରି ଆରମ୍ଭ କଲେ । ଚାକିରି ସମୟରେ ଦେଶର ଅଧିକାଂଶ ସହରରେ ସେବା ସମ୍ପାଦନ କରିଛନ୍ତି । ପାକିସ୍ତାନ ଦେଶର ପ୍ରତିନିଧି ରୂପେ ବିଭିନ୍ନ ଦେଶ ଯାଇଛନ୍ତି । ୧୯୯୭ ମସିହାରେ ଡ଼ାଇରେକ୍ଟର ଜେନେରାଲ୍ ପାକିସ୍ତାନ ଟେଲି କମ୍ୟୁନିକେସନ୍ ଲିମିଟେଡ୍ ଭାବରେ ରିଟାୟର୍ଡ଼ ହେଲେ । ତାଙ୍କ ପରିବାରରେ ତାଙ୍କ ପତ୍ନୀ, ଦୁଇଜଣ ପୁଅ ଏବଂ ଦୁଇଜଣ ଝିଅ ଅଛନ୍ତି । ଅଲ୍ଲାଃ ତାଲା ତାଙ୍କ ପିଲାମାନଙ୍କୁ ମଧ୍ୟ ତାଙ୍କ ପଦାଙ୍କ ଅନୁସରଣ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ରାଓଲପେଣ୍ଡିରେ ରହଣୀ ସମୟରେ କଏଦ୍ ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହେମଦୀୟା ରୂପେ ସେବା କରିବାର ସୌଭାଗ୍ୟ ପାଇଛନ୍ତି । ସେହି ସମୟଟି ୧୯୭୪ ମସିହାରେ ଅଶାନ୍ତ ସମୟ ଥିଲା । ୧୯୭୭ ମସିହାରେ ଇସ୍‌ଲାମାବାଦ୍‌ରେ ସ୍ଥାୟୀ ରହଣି ହେବାରେ ସେ ବିଭିନ୍ନ ସେବାକାର୍ଯ୍ୟ ସମ୍ପାଦନ କରିଛନ୍ତି । ୧୯୯୦ ମସିହାରେ ନାଏବ୍ ଅମୀର ଅୱ୍ୱଲ୍ ରୂପେ ଖିଦ୍‌ମତ୍ କରିବାର ସୌଭାଗ୍ୟ ପାଇଲେ । ରିଟାୟର୍ଡ଼ ପରେ ନିଜକୁ ୱକ୍‌ଫ କରିଦେଲେ । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ରହେମୁଲ୍ଲାଃଙ୍କ ନିକଟରେ ନିଜକୁ ପେଶ୍ କଲେ ଓ ମଞ୍ଜୁରୀ ପାଇଲେ । ପୁଣି ୧୯୯୯ ମସିହାରେ ଅମୀର ଜମାତ୍ ଇସ୍‌ଲାମାବାଦ ସହର ଏବଂ ଜିଲ୍ଲା ଅମୀର ରୂପେ ସେବା କରିବାର ସୌଭାଗ୍ୟ ପାଇଲେ । ରବ୍‌ୱାରେ ସେ ଡ଼ାଇରେକ୍ଟ ଡ଼ାଇଲିଂ ସୁବିଧାକୁ ଉପଲବ୍ଧ କରିବାପାଇଁ ଡ଼ିଜିଟାଲ୍ ଏକ୍ସଚେଞ୍ଜର ସ୍ଥାପନ ନିମନ୍ତେ ବହୁତ ଚେଷ୍ଟା କରିଛନ୍ତି । ସେ ମର୍କଜି ଫାଇନାନ୍ସ କମିଟିର ସଦସ୍ୟ ଥିଲେ । IAAAE ର ଏଗଜ୍ୟୁକେଟିଭ୍ ମେମ୍ବର ଥିଲେ । ସେହିପରି ଅନେକ ବିଭାଗରେ ତାଙ୍କୁ ଇଚ୍ଛାକୃତ ସେବା କରିବାର ସୌଭାଗ୍ୟ ମିଳିଥିଲା । ୧୯୯୬ ମସିହାରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ତାଙ୍କୁ Director of Fazle-Umar Foundation ରୂପେ ନିଯୁକ୍ତି ଦେଲେ । ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେ ଏହି ପଦବୀରେ କାର୍ଯ୍ୟରତ ଥିଲେ । ୧୯୮୦ ମସିହାରେ ବିଦେଶ ଲୋକଙ୍କ ପାଇଁ ଜଲ୍‌ସା ସାଲାନା ପାକିସ୍ତାନରେ ଅନୁବାଦ କାର୍ଯ୍ୟରେ ବହୁତ ସେବା କରିଛନ୍ତି । ଏପ୍ରିଲ୍ ୧୯୮୪ ମସିହାରେ ଯେବେ ହଜ୍‌ରତ୍ ଖଲିଫା ରାବେ ର:ଅ ଇଂଲଣ୍ଡ ହିଜ୍‌ରତ୍ କରି ଗଲେ, ସେ ସେଠାକୁ ନିୟମିତ ପ୍ରତିବର୍ଷ ଆସୁଥିଲେ ଏବଂ ଅନୁବାଦ କାର୍ଯ୍ୟ ତାଙ୍କ ଠାରେ ନ୍ୟସ୍ତ କରାଯାଉଥିଲା । ବହୁତ ସୁନ୍ଦରଭାବରେ ଏହି ଅନୁବାଦ କାର୍ଯ୍ୟ ସେ ବହୁତ ପରିଶ୍ରମ କରି କରୁଥିଲେ । ତାଙ୍କ ଇମାରତ୍ ସମୟରେ ଇସ୍‌ଲାମାବାଦରେ ଜମାତି ନିର୍ମାଣ କାର୍ଯ୍ୟ ବହୁତ ହୋଇଛି ।

ତାଙ୍କର ଜଣେ ପୁଅ କହୁଛନ୍ତି ଯେ ଜମାତି କାର୍ଯ୍ୟରେ ପିଲାମାନଙ୍କୁ ଅଧିକରୁ ଅଧିକ ଭାଗନେବା ପାଇଁ ପ୍ରବର୍ତାଉ ଥିଲେ । ସରକାରୀ ଚାକିରି କରିବା ସତ୍ୱେ ମଧ୍ୟ ଜମାତ୍‌ର ସେବାରେ ସର୍ବଦା ନିୟୋଜିତ ରହୁଥିଲେ । ଚାକିରିରୁ ସିଧା ଜମାତ୍‌ର ଦଫ୍‌ତର୍‌କୁ ଆସୁଥିଲେ ଓ ଜମାତ୍‌ର କାମ କରୁଥିଲେ । ଜଲ୍‌ସା ସାଲାନ ୟୁ.କେ ରେ ସାମିଲ ହେବାପାଇଁ ପ୍ରତିବର୍ଷ ଛୁଟି ବଂଚାଇ ରଖୁଥିଲେ । ଚାକିରି ସମୟରେ ଅହେମଦୀ ହୋଇଥିବା ଯୋଗୁଁ ତାଙ୍କର ପୋଷ୍ଟିଂ ଦୂର ଦୂରାନ୍ତ ଇଲାକା ଡ଼େରା ଇସ୍‌ମାଇଲ୍ ଖାନ୍‌ରେ ହୋଇଗଲା । ସେ ସମୟର ପ୍ରଧାନମନ୍ତ୍ରୀ ଭୁଟ୍ଟୋ ସାହେବ କହିଦେଲେ ଯେ ତାଙ୍କୁ ପୂର୍ନବାର ଇସ୍‌ଲାମାବାଦ୍‌ରେ ପୋଷ୍ଟିଂ ହେବନାହିଁ । କିନ୍ତୁ ଅଲ୍ଲାଃ ତାଲା କୃପା କଲେ ଫଳତଃ ତାଙ୍କର ପୋଷ୍ଟିଂ ଇସ୍‌ଲାମାବାଦ ପୁଣି ହୋଇଗଲା । ପୁଣି ସେଠାରୁ ଦେଶର ପ୍ରତିନିଧି ରୂପେ ଅନେକ ଦେଶକୁ ଯିବାର ସୌଭାଗ୍ୟ ମିଳିଲା । ଅଲ୍ଲାଃ ତାଲା ତାଙ୍କ ସହିତ କ୍ଷମା ଓ ଦୟା ଆଚରଣ କରନ୍ତୁ ।

ତୃତୀୟ ଯନାଜାଃ ହେଉଛି ରାୱଲ୍‌ପିଣ୍ଡିର ସମ୍ମାନନୀୟ ସ୍ୱର୍ଗତ ଅବସରପ୍ରାପ୍ତ ବ୍ରିଗେଡ଼ିଏର ଲତିଫ୍ ମୁହମ୍ମଦ ସାହେବଙ୍କର ସେ ଜିଲ୍ଲା ରାଓଲ୍‌ପିଣ୍ଡିର ପୂର୍ବତନ ଅମୀର ଥିଲେ । ୨୮ ଫେବୃୟାରୀ ୨୦୨୧ ଦିନ ୭୭ ବର୍ଷ ବୟସରେ ତାଙ୍କର ଦେହାନ୍ତ ହେଲା । ***ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍*** । ବ୍ରିଗେଡ଼ିୟର୍ ଲତିଫ୍ ସାହେବ ନିଜ ବାପାଙ୍କ ସହିତ ୧୯୫୫ ମସିହାରେ ଅହେମଦିୟତ ଗ୍ରହଣ କରିଥିଲେ । ତାଙ୍କ ବାପା ୨୦୦୦ ମସିହାରେ ମୃତ୍ୟୁବରଣ କରିଛନ୍ତି । ତାଙ୍କ ପରେ ତାଙ୍କ ପିଲାପିଲିଙ୍କ ବ୍ୟତୀତ ତାଙ୍କର ଜଣେ ପତ୍ନୀ, ଦୁଇଜଣ ପୁତ୍ର ଓ ଦୁଇଜଣ ପୁତ୍ରୀ ଅଛନ୍ତି । ଅଲ୍ଲାଃ ତାଙ୍କ ସନ୍ତାନମାନଙ୍କୁ ମଧ୍ୟ ତାଙ୍କ ପଦାଙ୍କ ଅନୁସରଣ କରିବାପାଇଁ ଶକ୍ତି ଦିଅନ୍ତୁ ।

୨୦୦୦ ମସିହାରେ ରିଟାଏଡ଼୍ ହେବାପରେ ନିଜର ସବୁ ସମୟ ଜମାତି ସେବାରେ ଖର୍ଚ୍ଚ କରିଛନ୍ତି । ସେ ସେକ୍ରେଟାରୀ ଉମୁରେ ଆମା ଏବଂ ନାଏବ୍ ଅମୀର ଜିଲ୍ଲା ରାୱଲପେଣ୍ଡି ଥିଲେ । ୨୦୧୯-୨୦୨୧ ମୃତ୍ୟୁ ପର୍ଯ୍ୟନ୍ତ ଅମୀର ଜିଲ୍ଲା ରାୱଲ୍‌ପିଣ୍ଡି ଭାବରେ ସେବା କରିବାର ସୌଭାଗ୍ୟ ପାଇଛନ୍ତି । ପ୍ରାୟ କୋଡ଼ିଏ ବର୍ଷକାଳ ଜମାତ୍‌ର ସେବା କରିଛନ୍ତି । ବହୁତ ସହାନୁଭୂତିଶୀ, ଗରୀବମାନଙ୍କ ସାହାଯ୍ୟକାରୀ ଓ ଜମାତି କାର୍ଯ୍ୟକୁ ଈଶ୍ୱରଙ୍କ କୃପା ଭାବି ନିର୍ବାହ କରୁଥିଲେ । ନିଜ ପିଲାମାନଙ୍କୁ ମଧ୍ୟ ଏହା କରିବା ପାଇଁ ପ୍ରୋତ୍ସାହିତ କରୁଥିଲେ । ରୋଗରେ ପିଡ଼ିତ ଥିବା ସମୟରେ ମଧ୍ୟ ଜମାତ୍‌ର ସେବା ପାଇଁ ଯେବେ ତାଙ୍କୁ ମର୍କଜରୁ କୌଣସି ୱହଦ୍‌ଦାଦାର ଡ଼ାକିଛନ୍ତି, ସେ ତତ୍‌କ୍ଷଣାତ୍ ଚାଲିଯାଉଥିଲେ । ନିଜ ରୋଗର ପରବାଏ କରୁନଥିଲେ । ତାଙ୍କୁ କ୍ୟାନ୍‌ସର ହୋଇଥିଲା । ଏହା ସତ୍ୱେ ମଧ୍ୟ ସେବା କରିବା ପାଇଁ ସର୍ବଦା ଉପସ୍ଥିତ ହେଉଥିଲେ ଓ କେବେ ବି ମନା କରିନାହାନ୍ତି । ଅଲ୍ଲାଃ ତାଲା ତାଙ୍କ ସହିତ କ୍ଷମା ଓ ଦୟା ଆଚରଣ କରନ୍ତୁ ।

ଚତୁର୍ଥ ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ନୋକ୍ ବେକ ଉମୁବିକୋଫ୍ (Konokbek Omurbekov) ସାହେବଙ୍କର । ସେ କିର୍ଗିଜ୍‌ସ୍ତାନର ଅଧିବାସୀ ଓ ଅହେମଦୀ ଥିଲେ । ୨୨ ଫେବୃୟାରୀ ଦିନ ୬୭ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା । ***ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍*** । Ilyas Kubatov ଯିଏ କିର୍ଗିଜ୍‌ସ୍ତାନ୍‌ର ଜାତୀୟ ସଭାପତି ଅଛନ୍ତି, ସେ ଲେଖିଛନ୍ତି ଯେ ମୋ ସହିତ ସ୍ୱର୍ଗତ ନୋକ୍‌ବେକ୍ ସାହେବଙ୍କର ସମ୍ପର୍କ ପନ୍ଦର ବର୍ଷରୁ ଅଧିକ । ସେ ଯମାତ୍ କିର୍ଗିଜ୍‌ସ୍ତାନର ପ୍ରାରମ୍ଭିକ ଅହେମଦୀମାନଙ୍କ ମଧ୍ୟରୁ ଜଣେ ଥିଲେ । ସେ ୨୦୦୦ ମସିହାରେ ଅହେମଦୀୟତ୍ ଗ୍ରହଣ କଲେ । ସେ ଅତ୍ୟନ୍ତ ନିଷ୍ଠାବାନ୍ ଅହେମଦି ଥିଲେ । ସର୍ବଦା ଜମାତି ପ୍ରୋଗ୍ରାମରେ ଭାଗ ନେଉଥିଲେ ଓ ଜମାତ୍‌ର ଚାନ୍ଦା ସବୁ ନିୟମିତ ପଇଠ କରୁଥିଲେ । ଅନ୍ୟ ମାଲି କୁର୍ବାନୀରେ ଭାଗ ନେଉଥିଲେ ଓ ସଠିକ୍ ସମୟରେ ନିଜର ୱାଦା (ପ୍ରତିଶ୍ରୁତି)କୁ ପୁରଣ କରୁଥିଲେ । ପାଚଂବେଳା ନମାଜ ସମୟାନୁସାରେ ପାଠ କରୁଥିଲେ ଓ ନିୟମିତ ତହ୍‌ଜ୍ଜୁଦ୍ ପଢୁଥିଲେ । ସୋଭିୟତ୍ ୟୁନିୟନ୍ ସମୟରେ ନିଜ ଯୁବକ ଅବସ୍ଥାରେ ଦେଶର ବଡ଼ ବଡ଼ ବିଭାଗ ଓ କାରୋବାରୀ ଅନୁଷ୍ଠାନଗୁଡ଼ିକରେ ଅଗ୍ରଣୀ ପଦବୀରେ ରହିଥିଲେ । ନିଜର ସଚ୍ଚୋଟ ପଣିଆ, ଭଦ୍ରାମି ଏବଂ ପରିଶ୍ରମ ଯୋଗୁଁ ସମସ୍ତେ ତାଙ୍କର ପ୍ରଶଂସା କରୁଥିଲେ । ଜୀବନର ଶେଷ ଦିନଗୁଡ଼ିକରେ

ଯେବେ ସେ କୌଣସି କାମ କରୁନଥିଲେ, ସେତେବେଳେ ସେ ପୁସ୍ତକ ବିକ୍ରୀ କରୁଥିଲେ । ବିଶେଷ ରୂପେ ଇସ୍‌ଲାମୀୟ ପୁସ୍ତକ ବିକ୍ରୀ କରୁଥିଲେ । କିର୍ଗିଜ୍‌ସ୍ତାନ୍‌ରେ ଜମାତ୍‌ର ଧାର୍ମିକ କାର୍ଯ୍ୟକଳାପ ଉପରେ ପ୍ରତିବନ୍ଧକ ଲଗାଯିବା ପୂର୍ବରୁ ସେ ଜମାତ୍‌ର ପୁସ୍ତକ ଏବଂ ଜମାତ୍ ଦ୍ୱାରା କରାଯାଇଥିବା କୋରାନ୍‌ର ଅନୁବାଦ ଲୋକମାନଙ୍କୁ ବାଂଟୁଥିଲେ । ନିଜର ତବ୍‌ଲିଗ୍ ଜରିଆରେ ସେ ଅନେକ ଲୋକଙ୍କୁ ଜମାତ୍‌ର ବାର୍ତା ପହଂଚାଇଛନ୍ତି । ତାଙ୍କ ଅନ୍ତେ ତାଙ୍କ ପରିବାରରେ ନିଜ ପତ୍ନୀଙ୍କ ବ୍ୟତୀତ ସାତ ବର୍ଷ ପୁତ୍ର ଅଛନ୍ତି । ତାଙ୍କର ଇଏ ଦ୍ୱିତୀୟ ପତ୍ନୀ ଅଟନ୍ତି । ପ୍ରଥମ ପତ୍ନୀଙ୍କଠାରୁ ତଲାକ୍ ହୋଇଯାଇଛି । ପ୍ରଥମ ପତ୍ନୀଙ୍କଠାରୁ ମଧ ସନ୍ତାନ ଅଛନ୍ତି । ତାଙ୍କ ପିଲାମାନେ ବୋଧ ହୁଏ ଅହେମଦୀ ନୁହନ୍ତି । ଅଲ୍ଲାଃ ସେମାନଙ୍କୁ ମଧ ଅହେମଦିତ ଗ୍ରହଣ କରିବା ପାଇଁ ସୌଭାଗ୍ୟ ପ୍ରଦାନ କରନ୍ତୁ ଓ ତାଙ୍କ ସହିତ କ୍ଷମା ଓ ଦୟା ଆଚରଣ କରନ୍ତୁ ।

ମୁବଲ୍ଲିଗ୍ ସାହେବ ଲେଖୁଛନ୍ତି ଯେ ଯେତେବେଳେ ରିଷି ଭାଷାରେ କୁର୍‌ଆନ୍‌ର ଅନୁବାଦ ହେଲା । ସେ ସେଥିରେ କିଛି ଭୂଲ୍ ବାହାର କଲେ । ମୁଁ ତାଙ୍କୁ କହିଲି ତେବେ କୁର୍‌ଆନ୍ କରିମ୍ ସମ୍ପୂର୍ଣ୍ଣ ପଢ଼ନ୍ତୁ ଓ ଅନୁବାଦରେ ଭୂଲ ବାହାର କରନ୍ତୁ । ସୁତରାଂ ସେ ପନ୍ଦର ଦିନରେ ହିଁ ସମ୍ପୂର୍ଣ୍ଣ କୁର୍‌ଆନ୍‌ର ଅନୁବାଦ ପଢ଼ି ସେଥିରେ ଥିବା ଭୂଲକୁ ଚିହ୍ନିତ କଲେ । ମୁବଲ୍ଲିଗ୍ ସାହେବ କହୁଛନ୍ତି- ତାଙ୍କର ନମାଜ ପାଠ କରିବାର ଶୈଳୀ ଏତେ ସୁନ୍ଦର ଥିଲା ଯେ ତାହା ଦେଖି ଇର୍ଷା ଲାଗୁଥିଲା । ମୋକରମ୍ Uzgenbqev Artur ସାହେବ କହୁଛନ୍ତି ବାସ୍ତବିକତା ହେଉଛି ଏହା କି ନୋକ୍ ବେକ୍ ସାହେବ୍ ହିଁ ମତେ ଅହେମଦିୟତ୍‌ର ବାର୍ତା ପହଂଚାଇଥିଲେ । ସେ କହୁଛନ୍ତି ଯେବେ ମୁଁ ତାଙ୍କୁ କୌଣସି ପ୍ରଶ୍ନ ପଚାରୁଥିଲି ମତେ ଆଶ୍ଚର୍ଯ୍ୟଜନକ ଭାବରେ ଉତର ଦେଉଥିଲେ ତାଙ୍କର ଉତର ବୁଦ୍ଧିସଙ୍ଗତ ଓ ତର୍କପୂର୍ଣ୍ଣ ଯୁକ୍ତିଯୁକ୍ତ ଉତର ହେଉଥିଲା । ନୋକ୍ ବେକ୍ ସାହେବ୍ ଉତମ ଚରିତ୍ରବାନ ବ୍ୟକ୍ତି ଥିଲେ । ଧୈର୍ଯ୍ୟବାନ୍ ଓ ସହନଶୀଳ ବ୍ୟକ୍ତି ଥିଲେ । ତାଙ୍କର ଚରିତ୍ରକୁ ଦେଖି ମୁଁ ଅହେମଦୀୟତ ଗ୍ରହଣ କଲି । ହଜୁର କହୁଛନ୍ତି: ଯେବେ ମୁଁ ରୋଜ ରଖିବା ପାଇଁ ଆହ୍ୱାନ ଦେଲି ଅର୍ଥାତ ନଫଲି ରୋଜା ରଖିବାପାଇଁ, ସେ ସୋମବାର ଓ ଗୁରୁବାର ଦିନ ରୋଜା ରଖୁଥିଲେ । ଏହା ଦ୍ୱାରା ସେ ଖିଲାଫତ୍‌ର ଆଦେଶକୁ ପାଳନ କରିବା ବାଲା ହେଲେ । ଖିଲାଫତ୍‌ର ପ୍ରେମୀ ଥିଲେ । ଖୁତ୍‌ବା ଯୁମା ନିୟମିତ ରଷିଆନ୍ ଭାଷାରେ ଶୁଣୁଥିଲେ । ବହୁତ ବିନମ୍ର ଓ ଉଦାର ବ୍ୟକ୍ତି ଥିଲେ । ଖୁସି ମିଜାଜର ଲୋକ ଥିଲେ । ବହୁତ ଉତ୍ସାହର ସହିତ ଦାୱ୍‌ତେ ଇଲ୍‌ଲ୍ଲାହ୍ କରୁଥିଲେ । ଅଲ୍ଲାଃ ତାଲା ତାଙ୍କ ସହିତ କ୍ଷମା ଆଚରଣ କରନ୍ତୁ ଓ ଦୟା କରନ୍ତୁ ।

ସେହିପରି ଅଲ୍ଲାଃ ତାଲା ଉପରୋକ୍ତ ସମସ୍ତ ମୃତକମାନଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ଏମାନଙ୍କ ସ୍ତରକୁ ଉନ୍ନୀତ କରନ୍ତୁ । ଆମିନ୍.......

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ବ୍ୟକ୍ତିଗତ ରୂପେ ନିଜ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ । ସାକ୍ଷାତ କରିବାକୁ ଆସିଥିବା ଏହି ପରିବାରଗୁଡ଼ିକ ଜର୍ମାନୀର ବିଭିନ୍ନ ଯମାତ୍ ଗୁଡ଼ିକରୁ ଆସି ଏଠାରେ ପହଂଚିଥିଲେ ।

ଏମାନେ ସମସ୍ତେ ହଜୁର ଅନୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର ଅନୱର ଅ:ବ:ଅ ବହୁତ ସ୍ନେହର ସହିତ ଛାତ୍ରଛାତ୍ରୀମାନଙ୍କୁ କଲମ ପ୍ରଦାନ କଲେ ଓ ଛୋଟ ବୟସର କୁନି ପିଲାମାନଙ୍କୁ ଚକୋଲେଟ ପ୍ରଦାନ କଲେ । ସାକ୍ଷାତକାରର ଏହି ପ୍ରୋଗ୍ରାମ ଦିନ ୧:୪୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା ।

**ଛୋଟ ଛୋଟ ଝିଅ ପିଲାମାନଙ୍କର ତକ୍‌ରିବେ ଆମିନ୍**

ଏହାପରେ ହଜୁର ଅନୱର ଅ:ବ:ଅ ହଲ୍ ଭିତରକୁ ପ୍ରବେଶ କଲେ ଯେଉଁଠି ପ୍ରୋଗ୍ରାମ ମୁତବାକ ଝିଅ ପିଲାମାନଙ୍କର ତକ୍‌ରିବେ ଆମିନ୍ ଅନୁଷ୍ଠିତ ହେଲା । ହଜୁର ଅନୱର ଅ:ବ:ଅ ନିମ୍ନଲିଖିତ ୩୫ଜଣ ଝିଅପିଲାଙ୍କଠାରୁ ପବିତ୍ର କୁର୍‌ଆନ୍‌ର ଗୋଟିଏ ଗୋଟିଏ ଆୟତ ଶୁଣିଲେ ଓ ଶେଷରେ ଦୁଆ କରାଇଲେ ।

ଅଜିଜା ଅଲିଶା ୱିହିଦ୍, ଅଜିଜା ତମ୍‌ସିଲା ଅହ୍‌ମଦ୍, ଅଜିଜା ଲବିକା ହମିଦ୍, ଅଜିଜା ଅତିକା ଅମାନ୍, ଅଜିଜା ବାସ୍‌ରା ରଜା, ଅଜିଜା ଅଲିଜା ମେହମୁଦ୍, ଅଜିଜା ମାହା ଅହ୍‌ମଦ୍, ଅଜିଜା ହିବତୁସ୍ ସବୁର୍ ତାହିର୍, ଅଜିଜା ଅଦିନା ବୁଶ୍‌ରା, ଅଜିଜା ହାଦିୟା ଅହ୍‌ମଦ୍, ଅଜିଜା ରାବିୟା କରିମ୍, ଅଜିଜା ସମ୍‌ରନ୍ ଅତିୟା, ଅଜିଜା ଇନାୟା ଅହ୍‌ମଦ୍ କାହ୍‌ଲୁଁ, ଅଜିଜା ଅଲିବା ତାହିର୍, ଅଜିଜା ଲବିକା କମର୍, ଅଜିଜା ଜାଜ୍‌ବା ଅକ୍‌ସା ଅହ୍‌ମଦ୍, ଅଜିଜା ମାଏରା ଲଙ୍ଗାଃ, ଅଜିଜା ରୁମାନା ମୁଦସ୍‌ସିର୍, ଅଜିଜା ଉଜ୍‌ମା ମୀର୍, ଅଜିଜା ଫର୍‌ୟାଲ୍ ଚୌଧୁରୀ, ଅଜିଜା ଫରିହା ଚୌଧୁରୀ, ଅଜିଜା ମୀରାବ୍ ଇମ୍‌ତିଆଜ୍ ୱଡ଼ାଇଚ୍, ଅଜିଜା ଆଲିୟା ଅହ୍‌ମଦ୍, ଅଜିଜା ଆଇଶା ଅହ୍‌ମଦ୍, ଅଜିଜା ସବା ଖାନ୍, ଅଜିଜା ଦୁଆ ୱସିମ୍, ଅଜିଜା ନାଏଲା ଲଇଲତୁଲ୍ କଦର୍ ଜିଆ, ଅଜିଜା ହିବା ଚିମା, ଅଜିଜା ମଲାହତ୍ ଫହିମ୍, ଅଜିଜା ଆଏଶା ଲତିଫ୍, ଅଜିଜା ନାଏଲା ସଇଦ୍, ଅଜିଜା ରାଫିଆ ସଇଦ୍, ଅଜିଜା ଜାଜ୍‌ବା ନସିର୍ ଅହ୍‌ମଦ୍, ଅଜିଜା ହାଲା ପରିସା ତାହିର୍ ଏବଂ ଅଜିଜା ହିରା ସ୍ୱାଲେହ୍ ହସନ୍ ।

ତକ୍‌ରିବେ ଆମିନ୍ ପରେ ହଜୁର ଅନୱର ଅ:ବ:ଅ ମସ୍‌ଜିଦ୍ ଭିତରେ ଥିବା ପୁରୁଷମାନଙ୍କ ହଲ୍ ଭିତରେ ପ୍ରବେଶ କରି ଜୋହର୍ ଏବଂ ଅସର ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ଫ୍ୟାମିଲି ସାକ୍ଷାତକାର**

ପ୍ରୋଗ୍ରାମ ମୁତାବକ ସକାଳ ଠିକ୍ ସନ୍ଧ୍ୟା ୬:୨୫ ମିନିଟରେ ହଜୁର ଅନୱର ଅ:ବ:ଅ ନିଜ କାର୍ଯ୍ୟାଳୟରେ ପଦାର୍ପଣ କଲେ ଯେଉଁଠି ଫ୍ୟାମିଲି ସାକ୍ଷାତକାର ଆରମ୍ଭ ହେଲା । ଆଜି ସନ୍ଧ୍ୟାବେଳା ଏହି ସେଶନ୍‌ରେ ୧୯ଟି ଫ୍ୟାମିଲିର ୭୨ ଜଣ ସଦସ୍ୟ ଏବଂ ପନ୍ଦରଜଣ ବ୍ୟକ୍ତିଗତ ରୂପେ ନିଜ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ । ସାକ୍ଷାତ କରିବାକୁ ଆସିଥିବା ଏହି ପରିବାରଗୁଡ଼ିକ ଜର୍ମାନୀର ୨୭ ଗୋଟି ଯମାତ୍‌ରୁ ଆସି ଏଠାରେ ପହଂଚିଥିଲେ । ସେମାନଙ୍କ ମଧ୍ୟରୁ କିଛି ଫ୍ୟାମିଲି ବହୁତ ଦୂର ଲମ୍ବା ଯାତ୍ରା ଅତିକ୍ରମ କରି ଏଠାରେ ଆସି ପହଂଚିଥିଲେ ।

Iserlohn and Immenhausen ରୁ ଆସିଥିବା ଫ୍ୟାମିଲିଗୁଡ଼ିକ ୨୦୦ କିମି., Wittlich ରୁ ଆସିଥିବା ପରିବାରଗୁଡ଼ିକ ୨୧୦ କିଲୋମିଟର ଏବଂ Augsburg ରୁ ଆସିଥିବା ପରିବାରଗୁଡ଼ିକ ୩୫୦ କିଲୋମିଟର ଲମ୍ବା ଯାତ୍ରା ଅତିକ୍ରମ କରି ଏଠାରେ ଆସି ପହଂଚିଥିଲେ । ଜର୍ମାନୀ ବ୍ୟତିତ ପାକିସ୍ତାନ ଏବଂ ସ୍ୱିଡ଼େନ୍‌ରୁ ଆସିଥିବା କିଛି ଲୋକ ମଧ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ସମସ୍ତ ଫ୍ୟାମିଲିଗୁଡ଼ିକ ଏବଂ ଅନ୍ୟ ସଦସ୍ୟମାନେ ନିଜ ପ୍ରୀୟ ଆକାଙ୍କ ସହିତ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର ଅନୱର ଅ:ବ:ଅ ବହୁତ ସ୍ନେହର ସହିତ ଛାତ୍ରଛାତ୍ରୀମାନଙ୍କୁ କଲମ ପ୍ରଦାନ କଲେ ଓ ଛୋଟ ବୟସର କୁନି ପିଲାମାନଙ୍କୁ ଚକୋଲେଟ ପ୍ରଦାନ କଲେ । ସାକ୍ଷାତକାରର ଏହି ପ୍ରୋଗ୍ରାମ ସନ୍ଧ୍ୟା ୭:୨୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । କିଛି ସମୟ ପାଇଁ ହଜୁର ଅନୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ଜଲ୍‌ସା ସାଲାନା ଜର୍ମାନୀର ନାଜିମ୍ ଏବଂ ନାଜିମାତ୍ ମାନଙ୍କର ରାତ୍ର ଭୋଜନ**

ପ୍ରୋଗ୍ରାମ ମୁତାବକ ଆଜି ସନ୍ଧ୍ୟାବେଳେ ଜଲ୍‌ସା ସାଲାନା ୨୦୧୯ରେ ଯେଉଁ ନାଜିମ୍ ଏବଂ ନାଜିମାତ୍ ନିଯୁକ୍ତ ହୋଇଛନ୍ତି, ସେମାନଙ୍କର ହଜୁର ଅନୱର ଅ:ବ:ଅଙ୍କର ସହିତ ରାତ୍ର ଭୋଜନ କରାଯିବାର ବ୍ୟବସ୍ଥା ରଖାଯାଇଥିଲା ଓ ତାହାର ବ୍ୟବସ୍ଥା ଲଜ୍‌ନାମାନଙ୍କ ନିମନ୍ତେ ଥିବା ନମାଜ ହଲ୍ ସହିତ ସଲଗ୍ନ ହଲ୍ ଭିତରେ ବ୍ୟବସ୍ଥା କରାଯାଇଥିଲା । ଜଲ୍‌ସା ସାଲାନାର ଅଫିସରମାନେ, ନାଏବ୍ ଅଫିସରମାନେ ଏବଂ ନାଜିମ୍ ମାନଙ୍କର ମୋଟ ସଂଖ୍ୟା ଥିଲା ୮୭, ଯେବେକି ଲଜ୍‌ନା ଜଲ୍‌ସାଗାଃର ନାଜିମା ଆଲା, ନାଏବ୍ ନାଜିମା ଆଲା ଏବଂ ନାଜିମାତ୍ ମାନଙ୍କର ସଂଖ୍ୟା ୬୯ । ଏମାନେ ସମସ୍ତେ ଆଜିର ଏହି ରାତ୍ର ଭୋଜନର ଉତ୍ସବରେ ସାମିଲ ହୋଇଥିଲେ ।

ଠିକ୍ ୭:୪୦ ମିନିଟରେ ହଜୁର ଅନୱର ଅ:ବ:ଅ ସେହି ହଲ୍ ଭିତରେ ପ୍ରବେଶ କଲେ ଏବଂ ଦୁଆ କରାଇଲେ ଏହିଭଳି ଏହି ସମସ୍ତ କର୍ମୀମାନେ ହଜୁର ଅନୱର ଅ:ବ:ଅଙ୍କ ସହିତ ରାତ୍ରଭୋଜନ କଲେ । ତା'ପରେ ହଜୁର ଅନୱର ଅ:ବ:ଅ ଠିକ୍ ୮:୧୦ ମିନିଟରେ ମସ୍‌ଜିଦ୍ ଭିତରେ ପ୍ରବେଶ କରି ନମାଜ ମଗ୍‌ରିବ ଏବଂ ଈଶା ଜମା କରି ପଢ଼ାଇଲେ ।

**ଏଲାନାତେ ନିକାହ୍ (ବିବାହ ଘୋଷଣା)**

ନମାଜ ପରେ ହଜୁର ଅନୱର ଅ:ବ:ଅ ୧୯ଗୋଟି ନିକାହ୍‌ର ଘୋଷଣା କଲେ ।

ହଜୁର ଅନୱର ଅ:ବ:ଅ ଖୁତ୍‌ବା ନିକାହ୍ ଏବଂ ମସନୁନ୍ ଆୟାତ ପାଠ କରିବାପରେ କହିଲେ, ଏବେ ମୁଁ କିଛି ନିକାହ୍‌ର ଘୋଷଣା କରିବି ।

ଅଜିଜା ମାହିଦାଃ ଜଫର୍ ସୁପୁତ୍ରୀ ମଶ୍‌ହୁଦ୍ ଅହ୍‌ମଦ୍ ଜଫର୍ ସାହେବ୍ (ମୂରବୀ ସିଲ୍‌ସିଲା ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ଫହିମ୍ ଅହ୍‌ମଦ୍ ଖାନ୍ (ମୂରବୀ ସିଲ୍‌ସିଲା ସୁଇଜରଲ୍ୟାଣ୍ଡ) ସୁପୁତ୍ର ମୋକରମ୍ ୱସିମ୍ ଅହ୍‌ମଦ୍ ଖାନ୍ ସାହେବଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା ଫର୍‌ହାନା ଖିଲଅତ୍ ସୁପୁତ୍ରୀ ମୋକରମ୍ ଅନ୍‌ୱର୍ ଅହ୍‌ମଦ୍ ସାହେବ୍ (ଲାହୋର୍, ପାକିସ୍ତାନ)ଙ୍କ ନିକାହ୍ ଅଜିଜମ୍ ଉସାବା ଅଦିବ୍ (ମୂରବୀ ସିଲ୍‌ସିଲା, ଏଡ଼ିଶନଲ୍ ନଜାରତ୍ ତାଲିମୁଲ୍ କୁର୍‌ଆନ୍ ୱ ୱକ୍‌ଫେ ଆର୍‌ଜି ପାକିସ୍ତାନ)ଙ୍କ ସହିତ ଧାର୍ଯ୍ୟ ହେଲା । ଝିଅ ତରଫରୁ ତାଙ୍କ ଭାଇ ରାୱିଲ୍ ଅହ୍‌ମଦ୍ ସାହେବ୍ (ଜର୍ମାନୀ) ଓ ପୁଅର ବାପା ମୋକରମ୍ ଅଜ୍‌ହରୁଲ୍ ହକ୍ ସାହେବ୍ (ଜର୍ମାନୀ) ଓକିଲ୍ ହୋଇଥିଲେ ।

ଅଜିଜା ଅରୁବ୍ ନାସିର୍ (ୱକିଫା ନୌ) ସୁପୁତ୍ରୀ ମୋକରମ୍ ତାହେର୍ ଅହ୍‌ମଦ୍ ସାହେବ୍ (ମୁରବୀ ସିଲ୍‌ସିଲା ଜର୍ମାନୀ)ଙ୍କ ନିକାହ୍, ଅଜିଜମ୍ ସୁହେବ୍ ନାସିର୍ (ଜାମିଆ ଅହେମଦୀୟା ଜର୍ମାନୀର ଶାହିଦ୍ କ୍ଲାସ୍‌ର ଛାତ୍ର) ସୁପୁତ୍ର ମୋକରମ୍ ମୁହମ୍ମଦ୍ ସାଦିକ୍ ନାସିର୍ ସାହେବଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା ନୁରୈନ୍ ମେହ୍‌ରୁ ଅହ୍‌ମଦ୍ ( ୱାକ୍‌ଫା ନୌ) ସୁପୁତ୍ରୀ ମୋକରମ୍ ମୁଶ୍‌ତାକ୍ ଅହ୍‌ମଦ୍ ଚଠା ସାହେବ୍ (ଫ୍ରାଙ୍କଫ୍ରଟ୍ ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ଆମିର ମେହ୍‌ମୁଦ୍ (ୱାକିଫେ ନୌ) ସୁପୁତ୍ର ମୋକରମ୍‌ର ଶାହିଦ୍ ମେହମୁଦ୍ ସାହେବ୍ (ଓବ୍‌ରସ୍ଟ ହାଉଜନ୍, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା ଇଲ୍‌ଜା କାଲିଦ୍ (ୱାକିଫାଏ ନୌ) ସୁପୁତ୍ରୀ ମୋକରମ୍ ହାନ୍ନ ଅହ୍‌ମଦ୍ ସାହେବ୍ (ଫ୍ରାଙ୍କଫ୍ରଟ ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ କାସିଦ୍ ଅହ୍‌ମଦ୍ (ୱାକିଫେ ନୌ) ସୁପୁତ୍ର ମୋକରମ ଇର୍‌ଫାନ୍ ସାହେବ୍ ( ଦରାଏ ଆଇଶ୍, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ ପାଇଲା ।

ଅଜିଜା ଇମ୍‌ରାନା ଜାୱେଦ୍ ଅହ୍‌ମଦ୍ (ୱାକିଫାଏ ନୌ) ସୁପୁତ୍ରୀ ମୋକରମ୍ ଅହ୍‌ସଦ୍ ଜାୱେଦ୍ ସାହେବ୍ (ଉଫନ୍ ବାଗ୍, ଜର୍ମାନୀ)ଙ୍କ ନିକାହ ଅଜିଜମ୍ ଦାନିୟାଲ୍ ଅହ୍‌ମଦ୍ (ୱାକିଫେ ନୌ) ସୁପୁତ୍ର ମୋକରମ୍ ଇଲ୍‌ୟାସ୍ ଅହ୍‌ମଦ୍ ସାହେବ୍ (ମାଇନିଜ୍, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା ହସ୍‌ବାନା ସଲିମ୍ ତୁର୍ (ୱାକିଫାଏ ନୌ) ସୁପୁତ୍ରୀ ମୋକରମ୍ ସଲିମ୍ ଅହ୍‌ମଦ୍ ତୁର୍ ସାହେବ୍ (ନଓରଦ୍‌ର୍‌ଶ୍ଟାଡ଼୍, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ମୁହମ୍ମଦ୍ ରାହିଲ୍ ହଫିଜ୍ ସୁପୁତ୍ର ମୋକରମ୍ ମୁହମ୍ମଦ୍ ହଫିଜ୍ ସାହେବ୍ (ରୌଡ଼େସ୍ ହାଏମ୍, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା ଦୁର୍‌ରେ ମକ୍‌ନୁନ୍ ଅଞ୍ଜୁମ୍ (ୱାକିଫାଏ ନୌ) ସୁପୁତ୍ରୀ ମୋକରମ୍ ଉଲ୍‌ଫତ୍ ହୁସୈନ୍ ଅଞ୍ଜୁମ୍ ସାହେବ୍ (ମରହୁମ୍, ହେଓଗ୍ଲଜ୍ ହାଏମ୍, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ହାରୁନ୍ ଅହ୍‌ମଦ୍ ମୁବାରକ୍ ସୁପୁତ୍ର ମୋକରମ୍ ମେହ୍‌ମୁଦ୍ ମୁବାରକ୍ ସାହେବ୍ (ହ୍ୟୁଗ୍ଲଜ୍ ହାଏମ୍, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ ହେଲା । ଝିଅର ୱଲି ତାଙ୍କ ଭାଇ ବିଲାଲ୍ ଅହ୍‌ମଦ୍ ସାହେବ୍ ଅଟନ୍ତି ।

ଅଜିଜା ମୁନଜ୍‌ଜାଃ ଭଟ୍ଟି (ୱାକିଫାଏ ନୌ) ସୁପୁତ୍ରୀ ମୋକରମ୍ ଫହିମ୍ ଅହ୍‌ମଦ୍ ଭଟ୍ଟି ସାହେବ୍ (ଏଡ଼ନ୍‌ଗନ୍, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ କଲିମ୍ ଅହ୍‌ମଦ୍ ସୁପୁତ୍ର ମୋକରମ୍ ନଇମ୍ ଅହ୍‌ମଦ୍ ସାହେବ୍ (ହାଏଲ୍‌ବେରୁନ୍, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା ଜାରା ଅହ୍‌ମଦ୍ ସୁପୁତ୍ରୀ ମୋକରମ୍ ଆମୀର୍ ହୁମାୟୁଁ ଅହ୍‌ମଦ୍ ସାହେବ୍ (କାନାଡ଼ା)ଙ୍କ ନିକାହ୍ ଅଜିଜମ୍ ମୋହ୍‌ସିନ୍ ଅମ୍‌ଜଦ୍ (ୱାକିଫେ ନୌ) ସୁପୁତ୍ର ମୋକରମ୍ ତାରିକ୍ ଅମ୍‌ଜଦ୍ ସାହେବ୍ (ଆମେରିକା)ଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା ସଦଫ୍ ଇକ୍‌ବାଲ୍, ସଲିମ୍ ସୁପୁତ୍ରୀ ମୋକରମ୍ ନସିମ୍ ଇକ୍‌ବାଲ୍ ସାହେବ୍ (ୱାକିଫେ ନୌ) ସୁପୁତ୍ର ମୋକରମ୍ ମିର୍ଜା ନଇମ୍ ଅହ୍‌ମଦ୍ ସାହେବ୍ (ହେମ୍‌ବର୍ଗ, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା ମାହିରାଃ ନଜିବ୍ ସୁପୁତ୍ରୀ ମୋକରମ୍ ନଜିବ୍ ଅହ୍‌ମଦ୍ ମଲକ୍ ସାହେବ୍ (ରାଏନ୍ ହାଏମ୍, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ଉସ୍‌ମାନ୍ ତାହେର୍ ହନିପ୍ (ୱାକିଫେ ନୌ) ସୁପୁତ୍ର ମୋକରମ୍ ମୁହମ୍ମଦ୍ ହନିପ୍ ସାହେବ୍ (ଷ୍ଟୋଟନ୍, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା ମନାହିଲ୍ ବଟ୍ ସୁପୁତ୍ରୀ ମୋକରମ୍ ୱସିମ୍ ଅହ୍‌ମଦ୍ ବଟ୍ ସାହେବ୍ (ୱିଲ୍‌ଡ ବର୍ଗ, ଜର୍ମାନୀ)ଙ୍କ ନିକାହ୍ ଆଜିଜମ୍ ଅକିଲ୍ ବାବର୍ ସୁପୁତ୍ର ମୋକରମ୍ ବାବର୍ ଜଲାଲ୍ ସାହେବ୍ (ମୌର୍, ଫିଲ୍‌ଡ଼ନ୍ ୱାଲଡ଼ରୁଫ୍, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା କାଶିଫା ଅଜିଜ୍ ସୁପୁତ୍ରୀ ମୋକରମ୍ ଅଜିଜୁଲ୍ଲାଃ ସାହେବ୍ (କରୋନ୍‌ବର୍ଗ, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ତାବିଶ୍ ଅହ୍‌ମଦ୍ ସୁପୁତ୍ର ମୋକରମ୍ ଇର୍‌ଫାନ୍ ଅହ୍‌ମଦ୍ ସାହେବ୍ (ଦରାଏ ଅଏଶ୍, ଜମାନୀ)ଙ୍କ ସହିତ ଧାର୍ଯ୍ୟ କରାଗଲା ।

ଅଜିଜା ହାଦିୟା ଅହ୍‌ମଦ୍ ସୁପୁତ୍ରୀ ମୋକରମ୍ ମେହ୍‌ମୁଦ୍ ଅହ୍‌ମଦ୍ ସାହେବ୍ (ମୈଟ୍‌ମନ୍, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ସୟଦ୍ ଶହ୍‌ଜାଦ୍ ଅହ୍‌ମଦ୍ ସୁପୁତ୍ର ମୋକରମ୍ ସୟଦ୍ ହାମିଦ୍ ମକ୍‌ବୁଲ୍ ସାହେବ୍ (ନୌଏସ୍, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା ଫାମିୟା ଅହ୍‌ମଦ୍ ସୁପୁତ୍ରୀ ମୋକରମ୍ କଦି୍ର ଅହ୍‌ମଦ୍ ସାହେବ୍ (ବର୍ଲିନ୍, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ଫରାସତ୍ ଅହ୍‌ମଦ୍ ୱଡ଼ାଇଚ୍ ସୁପୁତ୍ର ମୋକରମ୍ ବିଶାରତ୍ ଅହ୍‌ମଦ୍ ୱଡ଼ାଇଚ୍ ସାହେବ୍ (ହୋହନ୍ ଶଟାଇନ୍, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା ମୁବଶିରାଃ ଭଟ୍ଟି ସୁପୁତ୍ରୀ ମୋକରମ୍ ମୁହମ୍ମଦ୍ ଅଲୀ ଭଟ୍ଟି ସାହେବ୍ (ରେଡ଼ଷ୍ଟଡ଼୍, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ମେହ୍‌ରାନ୍ ମନ୍‌ସୁର୍ ସୁପୁତ୍ର ମୋକରମ୍ ମନ୍‌ସୁର୍ ଅହ୍‌ମଦ୍ ଉଲ୍ଲି ସାହେବ୍ (ଲାହୋର୍, ପାକିସ୍ତା, ହାଲ୍ ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା ଗଜାଲା ଇର୍‌ଶାଦ୍ ସୁପୁତ୍ରୀ ମୋକରମ୍ ଇର୍‌ଶାଦ୍ ଅହ୍‌ମଦ୍ ଖାନ୍ ସାହେବ୍ (ମୂରବୀ ସିଲ୍‌ସିଲା ପାକିସ୍ତାନ)ଙ୍କ ନିକାହ୍ ଅଜିଜମ୍ ୱଲିଦ୍ ଅହ୍‌ମଦ୍ ଖାନ୍ ସୁପୁତ୍ର ମୋକରମ୍ ନଇମ୍ ଅହ୍‌ମଦ୍ ସାହେବ୍ (ଫ୍ରାଙ୍କଫ୍ରଟ୍, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ ହେଲା । ଝିଅର ୱଲି ପାକିସ୍ତାନ୍‌ରେ ଅଛନ୍ତି, ତାଙ୍କ ତରଫରୁ ଝିଅର ଭାଇ ମୋକରମ୍ ମୁହମ୍ମଦ୍ ଅମ୍ମାର୍ ଅହ୍‌ମଦ୍ ଖାନ୍ ସାହେବ ଅଫ୍ ଜର୍ମାନୀ ଝିଅର ଓକିଲ୍ ଅଟନ୍ତି ।

ଅଜିଜା କିରନ୍ ଜନ୍‌ଜୁଆ ସୁପୁତ୍ରୀ ମୋକରମ୍ ମୁହମ୍ମଦ୍ ଅନିସ୍ ଜନ୍‌ଜୁଆ ସାହେବ୍ (ଫ୍ରେଦ୍‌ରଶ୍‌ଡ୍ରୋଫ୍, ଜର୍ମାନୀ)ଙ୍କ ନିକାହ୍ ଅଜିଜମ୍ ଗଜ୍‌ନଫର୍ ଅଲୀ ସୁପୁତ୍ର ମୋକରମ୍ ନଜିର୍ ଅହ୍‌ମଦ୍ ସାହେବ୍ (ମର୍‌ହୁମ୍) ବାଦ୍‌ହୁମ୍ ବର୍ଗ, ଜର୍ମାନୀ)ଙ୍କ ସହିତ ଧାର୍ଯ୍ୟ ହେଲା ।

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family,*
*Jamat Ahmadiyya, Madhuban Paradip (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

## ସଦକତୁଲ୍ ଫିତର୍ ପଇଠ କରିବା

ଅଲ୍‌ହମ୍‌ଦୁ ଲିଲ୍ଲାଃ ରମଜାନୁଲ୍ ମୁବାରକ୍‌ର ବାବରକତ୍ ପବିତ୍ର ରମ୍‌ଜାନ୍ ମାସ ଏପ୍ରିଲ୍‌ର ଦ୍ୱିତୀୟ ଦଶକରୁ ଆରମ୍ଭ ହେଉଅଛି । ଇସ୍‌ଲାମରେ ଫିତ୍‌ରାନା ପଇଠ କରିବା ପାଇଁ ଏକ ସାଆ ମାପର ଶସ୍ୟ (ଅର୍ଥାତ ପ୍ରାୟ ୨ କିଲୋ ୭୫୦ ଗ୍ରାମ) ଧାର୍ଯ୍ୟ କରାଯାଇଅଛି । ଯମାତ୍‌ର ସଦସ୍ୟମାନେ ସମ୍ପୁର୍ଣ୍ଣ ଶରହ୍ (ମାପ) ସହିତ ପବିତ୍ର ରମ୍‌ଜାନ୍ ମାସ ପୂର୍ବରୁ ବା ଦ୍ୱିତୀୟ ଦଶଦିନ ମଧ୍ୟରେ ହିଁ ସଦକତୁଲ୍ ଫିତର୍ ପଇଠ କରିବା ପାଇଁ ଚେଷ୍ଟା କରନ୍ତୁ ।

ଯେହେତୁ ଭାରତର ପ୍ରଦେଶଗୁଡ଼ିକରେ ଶସ୍ୟ (ଗହମ, ଚାଉଳ)ର ମୁଲ୍ୟ ଅଲଗା ଅଲଗା ରହିଥାଏ ସେଥିଯୋଗୁଁ ନିଜ ସ୍ଥାନୀୟ ମୂଲ୍ୟ ଅନୁସାରେ ଧାର୍ଯ୍ୟ କରାଯାଇଥିବା ଶରହ୍ ( ୨ କିଲୋ ୭୫୦ ଗ୍ରାମ ଶସ୍ୟ) ମୁତାବକ ଫିତ୍‌ରାନାର ରାଶି/ ଅର୍ଥ ପଇଠ କରନ୍ତୁ । ପଞ୍ଜାବ ପ୍ରଦେଶ ପାଇଁ ଏ ବର୍ଷ ମୁଣ୍ଡ ପିଛା ସଦକତୁଲ୍ ଫିତର୍‌ର ଅର୍ଥରାଶି ପଂଚାବନ (୫୫/-) ଟଙ୍କା ଧାର୍ଯ୍ୟ କରାଯାଇଅଛି ।

ସ୍ଥାନୀୟ ଯମାତ୍‌ରେ ଗରୀବ ଓ ଅଭାବି ଲୋକ ଥିବା କ୍ଷେତ୍ରରେ ସଦକତୁଲ୍ ଫିତର୍‌ର ମୋଟ ଅର୍ଥରାଶିରୁ ନବେ ପ୍ରତିଶତ ପର୍ଯ୍ୟନ୍ତ ଅର୍ଥରାଶି ମଜ୍‌ଲିସ୍ ଆମେଲାର ପରାମର୍ଶ ଓ ଫଏସଲା ପରେ ବଂଟା ଯାଇପାରିବ । ବାକି ଅର୍ଥରାଶିକୁ ମର୍କଜ୍‌ରେ ଜମା କରିବାକୁ ହେବ । ଯେଉଁ ଯମାତ୍‌ରେ ଗରୀବ ଓ ଅଭାବି ଲୋକ ନଥିବେ ସେହି ଯମାତ୍‌ରୁ ଅସୁଲ୍ କରାଯାଇଥିବା ସମସ୍ତ ଅର୍ଥରାଶି ସଦର୍ ଅଞ୍ଜୁମନ୍ ଅହ୍‌ମଦୀୟାର ଯମାତି ଆକାଉଁଟ୍‌ରେ ରଖିବାକୁ ହେବ ।

ସ୍ପଷ୍ଟ ହେଉ କି ଫିତ୍‌ରାନାର ଅର୍ଥରାଶି ମସ୍‌ଜିଦ୍ ଇତ୍ୟାଦିର ଆବଶ୍ୟକତା କାର୍ଯ୍ୟରେ ଖର୍ଚ୍ଚ କରିବାର ଅନୁମତି ନାହିଁ ।

## ଇଦ୍ ଫଣ୍ଡ

ଏହି ଚାନ୍ଦା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟରୁ ପ୍ରଚଳନ । ଏହି ଫଣ୍ଡର ଉଦ୍ଦେଶ୍ୟ ଏହା ଥିଲା କି ଯେଉଁଠି ଖୁସି ଓ ଆନନ୍ଦ ଅବସରରେ ମଣିଷ ନିଜର ଖୁସି ପାଇଁ ପୋଷାକ, ଖାଦ୍ୟପେୟ ଏବଂ ଦାଓ୍ୱତ (ନିମନ୍ତ୍ରଣ) ଇତ୍ୟାଦିରେ ଅନେକ ଖର୍ଚ୍ଚ କରିଥାଏ ଓ ଅନ୍ୟମାନଙ୍କୁ ଉପହାର ମଧ୍ୟ ଦେଇଥାଏ, ସେଠି ସେହି ଖୁସି ସମୟରେ ଦୀନ (ଧର୍ମ)ର ଆବଶ୍ୟକତାକୁ ମଧ୍ୟ ମନେରଖୁ । ଅହେମଦୀମାନେ ତ ବୟତ୍‌ରେ ଏ ପ୍ରତିଜ୍ଞା କରିଛନ୍ତି ଯେ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବେ । ତେଣୁ ପ୍ରତ୍ୟେକ ଅହେମଦୀଙ୍କଠାରୁ ଏ ଆଶା କରାଯାଉଅଛି ଯେ ସେ ଖୁସି ଓ ଆନନ୍ଦର ଉତ୍ସବ ଅବସରରେ ଧର୍ମର ଆବଶ୍ୟକତାକୁ ନିଶ୍ଚିତ ରୂପେ ମନେରଖୁ । ଏହି ଉଦ୍ଦେଶ୍ୟକୁ ଚରିତାର୍ଥ କରିବାପାଇଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଯୁଗରେ ଏଥିପାଇଁ ରୋଜଗାର କରୁଥିବା ଅହେମଦୀମାନେ ମୁଣ୍ଡ ପିଛା ଏକଟଙ୍କା ଦେଉଥିଲେ । ଯାହା ସେ ସମୟ ଅନୁସାରେ ବହୁତ ବଡ଼ ଅର୍ଥରାଶି ଥିଲା । ଏବେ ଯେହେତୁ ଆଗକୁ ଇଦୁଲ୍ ଫିତର୍ ଆସୁଅଛି ତେଣୁ ନିଜର ସାମର୍ଥ୍ୟ ଅନୁସାରେ ସେହି ଇଦ୍ ଦିନ୍ ମଧ ଅଧିକରୁ ଅଧିକ ଅର୍ଥରାଶି ଏହି ବିଭାଗରେ ପଇଠ କରାଯାଉ । ଇଦ୍ ଫଣ୍ଡକୁ ଇଦ୍ ପୂର୍ବରୁ କୌଣସି ମଧ ସମୟରେ ପଇଠ କରାଯାଇପାରିବ । ଏହା ହେଉଛି ମର୍କଜି ଚାନ୍ଦା । ତେଣୁ ସବୁତକ ଅର୍ଥ ସଦର୍ ଅଞ୍ଜୁମନ୍ ଅହେମଦୀୟାର ଖଜାନାରେ ଜମା ହେବା ଜରୁରୀ । ଏହି ଅର୍ଥରାଶି ସ୍ଥାନୀୟ ଯମାତ୍‌ରେ ଖର୍ଚ୍ଚ କରିବାକୁ ଅନୁମତି ନାହିଁ । ଜଯାକମୁଲ୍ଲାଃ

***(କାଏମ୍ ମକାମ୍ ନାଜିର ବୟତୁଲ୍ ମାଲ୍ ଆମଦ୍ କାଦିଆନ୍)***

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family,*
*Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

ନିକାହ୍ ଘୋଷଣା ପରେ ହଜୁର ଅନୱର ଅ:ବ:ଅ କହିଲେ, ଦୁଆ କରିନିଅନ୍ତୁ । ଅଲ୍ଲାଃ ତାଲା ଏହି ସମସ୍ତ ଏହି ସମସ୍ତ ରିସ୍ତାକୁ ପ୍ରତିକ୍ଷେତ୍ରରୁ ବାବର୍‌କତ୍ କରନ୍ତୁ ।

ଦୁଆପରେ ହଜୁର ଅନୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**୨୦ ଅକ୍ଟୋବର ୨୦୧୯ (ରବିବାର)**

ହଜୁର ଅନୱର ଅ:ବ:ଅ ଭୋର ୭:୦୦ରେ ମସ୍‌ଜିଦ୍‌ରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳ ବେଳା ହଜୁର ଅନୱର ଅ:ବ:ଅ ଦଫ୍‌ତରି ଡ଼ାକ, ଚିଠି ଏବଂ ରିପୋର୍ଟସ ଇତ୍ୟାଦିର ତଦାରଖ କଲେ ଓ ସେଥିରେ ହିଦାୟତ (ନିର୍ଦ୍ଦେଶମାନ) ପ୍ରଦାନ କଲେ । ଏହିପରି ହଜୁର ଅନୱର ଅ:ବ:ଅ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

**ଫ୍ୟାମିଲି ସାକ୍ଷାତକାର**

ପ୍ରୋଗ୍ରାମ ମୁତାବକ ସକାଳ ୧୧.୩୦ ମିନିଟରେ ହଜୁର ଅନୱର ଅ:ବ:ଅ ନିଜ କାର୍ଯ୍ୟାଳୟରେ ପଦାର୍ପଣ କଲେ ଯେଉଁଠି ଫ୍ୟାମିଲି ସାକ୍ଷାତକାର ଆରମ୍ଭ ହେଲା । ଆଜି ସକାଳବେଳା ଏହି ସେଶନ୍‌ରେ ୩୯ଟି ଫ୍ୟାମିଲିର ୧୪୬ ଜଣ ସଦସ୍ୟ ଏବଂ ୧୩ଜଣ ବ୍ୟକ୍ତିଗତ ରୂପେ ନିଜ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ । ସାକ୍ଷାତ କରିବାକୁ ଆସିଥିବା ଏହି ପରିବାରଗୁଡ଼ିକ ଜର୍ମାନୀର ଭିନ୍ନ ଭିନ୍ନ ୨୯ଗୋଟି ଯମାତ୍ ଗୁଡ଼ିକରୁ ଆସି ଏଠାରେ ପହଂଚିଥିଲେ । କିଛି ଫ୍ୟାମିଲି ତ ବହୁତ ଲମ୍ବା ରାସ୍ତା ଅତିକ୍ରମ କରି ଏଠାରେ ପହଂଚିଥିଲେ ।

Dusseldorf ରୁ ଆସିଥିବା ଫ୍ୟାମିଲିଗୁଡ଼ିକ ୨୫୦ କିଲୋମିଟର, Calw ରୁ ଆସିଥିବା ପରିବାରଗୁଡ଼ିକ ୨୮୫ କିଲୋମିଟର ଏବଂ ମ୍ୟୁନିଖରୁ ଆସିଥିବା ପରିବାରଗୁଡ଼ିକ ୪୦୫ କିଲୋମିଟର ଲମ୍ବା ଯାତ୍ରା ଅତିକ୍ରମ କରି ଏଠାରେ ନିଜ ପ୍ରୀୟ ଆକାଙ୍କୁ ସାକ୍ଷାତ କରିବାକୁ ଆସି ପହଂଚିଥିଲେ । ପ୍ରତ୍ୟେକ ବ୍ୟକ୍ତି ହଜୁର ଅନୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର ଅନୱର ଅ:ବ:ଅ ବହୁତ ସ୍ନେହର ସହିତ ଛାତ୍ରଛାତ୍ରୀମାନଙ୍କୁ କଲମ ପ୍ରଦାନ କଲେ ଓ ଛୋଟ ବୟସର କୁନି ପିଲାମାନଙ୍କୁ ଚକୋଲେଟ ପ୍ରଦାନ କଲେ । ସାକ୍ଷାତକାରର ଏହି ପ୍ରୋଗ୍ରାମ ଦିନ ୨ ଟା ପର୍ଯ୍ୟନ୍ତ ଜାରି ରହିଲା ।

**ମସ୍‌ଜିଦ୍ ବଇତୁଲ୍ ହମିଦ୍‌ର ଉଦ୍‌ଘାଟନୀ ଉତ୍ସବ**

ଆଜି ପ୍ରୋଗ୍ରାମ ମୁତବାକ ଫ୍ରାଙ୍କଫର୍ଟରୁ ୧୧୫ କିଲୋମିଟର ଦୂରତାରେ ଅବସ୍ଥିତ Fulda ସହରରେ ଅବସ୍ଥିତ ମସ୍‌ଜିଦ୍ ବଇତୁଲ୍ ହମିଦ୍‌ର ଉଦ୍‌ଘାଟନୀ ଉତ୍ସବ ରଖାଯାଇଥିଲା । ଠିକ୍ ୩:୪୫ ମିନିଟରେ ହଜୁର ଅନୱର ଅ:ବ:ଅ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ ଏବଂ ଫୁଲ୍‌ଦା ସହର ନିମନ୍ତେ ଯାତ୍ରା ଆରମ୍ଭ ହେଲା । ପ୍ରାୟ ୧ ଘଂଟା ୧୫ ମିନିଟ ଯାତ୍ରା କରିବା ପରେ ଠିକ୍ ୫ଟା ବେଳେ ହଜୁର ଅନୱର ଅ:ବ:ଅ ଫୁଲ୍‌ଦାଠରେ ଅବସ୍ଥିତ ମସ୍‌ଜିଦ୍ ବଇତୁଲ୍ ହମିଦ୍‌ଠାରେ ପହଂଚିଲେ । ସ୍ଥାନୀୟ ଯମାତ୍ର ସମସ୍ତ ସଦସ୍ୟ ଆବାଲବୃଦ୍ଧବନିତା ସମସ୍ତେ ହଜୁର ଅନୱର ଅ:ବ:ଅଙ୍କ ଆଗମନର ଅପେକ୍ଷାରେ ଥିଲେ । ଯେଉଁ କ୍ଷଣି ହଜୁର ଅନୱର ଅ:ବ:ଅ ଗାଡ଼ିରୁ ବାହାରକୁ ବାହାରିଲେ ଯମାତ୍‌ର ସଦସ୍ୟମାନେ ବହୁତ ଉତ୍ସାହର ସହିତ ଆନନ୍ଦରେ ହଜୁର ଅନୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ । ଛୋଟ ଛାଟ ପୁଅ ଝିଅମାନେ ସ୍ୱାଗତ ମୂଳକ ଗୀତ ଓ ଦୁଆଇୟା ନଜମ୍ ପାଠ କରୁଥିଲେ । ମହିଳାମାନେ ନିଜ ହାତକୁ ଉପରକୁ ଉଠାଇ ହଜୁର ଅନୱର ଅ:ବ:ଅଙ୍କୁ ଦର୍ଶନ କରୁଥିଲେ । ଆଜିର ଦିନଟି ଯମାତ୍ ଫୁଲ୍‌ଦା ପାଇଁ ଅତ୍ୟନ୍ତ ଆନନ୍ଦ ଓ ବରକତ୍‌ର ଦିନ ଥିଲା । ହଜୁର ଅନୱର ଅ:ବ:ଅଙ୍କ ପବିତ୍ର ପାଦ ତାଙ୍କ ଇଲାକାରେ ଦ୍ୱିତୀୟଥର ପାଇଁ ପଡୁଥିଲା । ତତ୍‌ସହିତ ଆଜି ପୁଣି ତାଙ୍କ ମସ୍‌ଜିଦ୍‌ର ଉଦ୍‌ଘାଟନ ହେବାର ଥିଲା । ସେଥିପାଇଁ ପ୍ରତ୍ୟେକ ବ୍ୟକ୍ତି ଖୁସିରେ ଆତ୍ମହରା ହୋଇ **ଅହଲଉଁ ୱ ସହଲଉଁ ୱ ମର୍‌ହବା**ର ଧ୍ୱନୀ ଉଚ୍ଚାରଣ କରୁଥିଲେ । ସଦର ଯମାତ୍ ଫୁଲ୍‌ଦା ମୋକରମ୍ ନଜମୁ ସାକିଦ୍ ସାହେବ ଏବଂ ମୁବଲ୍ଲିଗ୍ ସିଲ୍‌ସିଲା ଫୁଲ୍‌ଦା ଏଜାଜ୍ ଅହେମଦ୍ ଜଞ୍ଜୁଆ ସାହେବ୍ ହଜୁର ଅନୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ ।

ତା'ପରେ ହଜୁର ଅନୱର ଅ:ବ:ଅ ମସ୍‌ଜିଦ୍‌ର ବାହ୍ୟ କାନ୍ଥରେ ଲଗାଯାଇଥିବା ଫଳକଟିକୁ ଉନ୍ମୋଚନ କଲେ । ଏହି ଅବସରରେ ନିମ୍ନଲିଖିତ ମିଡ଼ିଆଗୁଡ଼ିକର ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ । ହେଇସନ୍ ପ୍ରଦେଶର ରେଡ଼ିଓ HR ର ପ୍ରତିନିଧି, Osthesen News ର ପ୍ରତିନିଧି ଏବଂ Fulda Zeitung ର ପ୍ରତିନିଧି ।

ଫଳକ ଉନ୍ମୋଚନ କରିବାପରେ ହଜୁର ଅନୱର ଅ:ବ:ଅ ମସ୍‌ଜିଦ୍‌ର ହଲ୍ ଭିତରକୁ ଗଲେ ଏବଂ ମସ୍‌ଜିଦ୍‌ର ପରିଦର୍ଶନ କରି ତା'ର ନକ୍‌ସା ସମ୍ବନ୍ଧରେ ପଚାରିଲେ ଏବଂ କହିଲେ ଏ ନକ୍‌ସାରେ ଅଳ୍ପଟିକିଏ ପରିବର୍ତ୍ତନ କରାଯାଇ ମସ୍‌ଜିଦ୍‌ର ପଛଭାଗରେ ଆଉ ଏକ ସମ୍ପୂର୍ଣ୍ଣ ସଫ୍ (ନମାଜ ପଢ଼ିବାର ଧାଡ଼ି) ତିଆରି ହୋଇପାରିଥାନ୍ତା ।

ତା'ପରେ ହଜୁର ଅନୱର ଅ:ବ:ଅ ଜୋହର୍ ଏବଂ ଅସର୍ ନମାଜ ଜମା କରି ପଢ଼ାଇଲେ ଏବଂ ତତ୍‌ସହିତ ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବ ଆରମ୍ଭ ହୋଇଗଲା । ପୁଣି ହଜୁର ଅନୱର ଅ:ବ:ଅ ଲଜ୍‌ନା ହଲ୍ ଭିତରକୁ ଗଲେ ଯେଉଁଠାରେ ଛୋଟ ଛୋଟ ଝିଅପିଲାମାନେ ଭିନ୍ନ ଭିନ୍ନ ଦଳଗତ ଭାବରେ ବିଭିନ୍ନ ତରାନା ଏବଂ ଦୁଆଇୟା ନଜମ୍ ଉପସ୍ଥାପନ କଲେ । ମହିଳାମାନେ ହଜୁର ଅନୱର ଅ:ବ:ଅଙ୍କୁ ଦର୍ଶନ କଲେ । ହଜୁର ଅନୱର ଅ:ବ:ଅ ବହୁତ ସ୍ନେହର ସହିତ ସେଠାରେ ଉପସ୍ଥିତ କୁନୀ କୁନୀ ଝିଅ ପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ତା'ପରେ ହଜୁର ଅନୱର ଅ:ବ:ଅ ମସଜିଦ୍‌ର ବାହ୍ୟ ପ୍ରାଙ୍ଗଣକୁ ଗଲେ ଏବଂ ସେଠାରେ ଗୋଟିଏ ଚାରା ରୋପଣ କଲେ । ତା'ପରେ ପୁଣି ମସ୍‌ଜିଦ୍‌ର ବାହ୍ୟ ପ୍ରାଙ୍ଗଣରେ ପୂର୍ବରୁ ନିର୍ମାଣ ହୋଇଥିବା ଅଟ୍ଟାଳିକାର ପରିଦର୍ଶନ କଲେ ଏବଂ କିଛି ସମୟ ପାଇଁ ଏଠିକାର ମୁବଲ୍ଲିଗ୍ ସିଲ୍‌ସିଲା ଏଜାଜ୍ ଅହେମଦ୍ ଜଞ୍ଜୁଆ ସାହେବଙ୍କ ଘରକୁ ମଧ୍ୟ ଗଲେ । ତାଙ୍କ ଘରଟି ପୂର୍ବରୁ ନିର୍ମାଣ ହୋଇଥିବା ଅଟ୍ଟାଳିକାଟିର ଗୋଟିଏ ଅଂଶରେ ଅବସ୍ଥିତ ।

ତା'ପରେ ହଜୁର ଅନୱର ଅ:ବ:ଅ ମସ୍‌ଜିଦ୍‌ର ପ୍ରାଙ୍ଗଣ ସହିତ ସଂଲଗ୍ନ ଫୁଲ୍‌ଦା ଯମାତ୍‌ର ଜଣେ ସଦସ୍ୟ ମୋକରମ୍ ମିର୍ଜା ମସ୍‌ଉଦ୍ ଅହ୍‌ମଦ୍ ସାହେବଙ୍କ ନୂଆ ଘରର ମୂଳଦୁଆ ରଖିଲେ ଏବଂ ତାଙ୍କର ସେହି ପ୍ରାଙ୍ଗଣ ମଧ୍ୟରେ ଗୋଟିଏ ଚାରା ମଧ୍ୟ ଲଗାଇଲେ । ଏହି ଅବଧି ମଧ୍ୟରେ ପିଲାମାନେ ଧାଡ଼ି ଧାଡ଼ି ଭାବରେ ଛିଡ଼ା ହୋଇଯାଇଥିଲେ । ହଜୁର ଅନୱର ଅ:ବ:ଅ ସେହି ପିଲାମାନଙ୍କୁ ଅତି ସ୍ନେହର ସହିତ ଚକୋଲେଟ୍ ପ୍ରଦାନ କଲେ । ତା'ପରେ ମଜ୍‌ଲିସ୍ ଆମେଲା ଫୁଲ୍‌ଦା ଯମାତ୍ ଏବଂ ମସ୍‌ଜିଦ୍ ନିର୍ମାଣ କରିଥିବା ବିଭାଗ ଓ କର୍ମୀମାନେ ହଜୁର ଅନୱର ଅ:ବ:ଅଙ୍କ ସହିତ ଗ୍ରୁପ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ଫୁଲ୍‌ଦା ସହର ଏବଂ ଏହି ମସ୍‌ଜିଦ୍‌ର ପରିଚୟ**

ଫୁଲଦା ସହର ଜର୍ମାନୀ ସହରର ମଧ୍ୟଭାଗରେ ଅବସ୍ଥିତ ଏବଂ ଏହା ହେଉଛି କ୍ୟାଥୋଲିକ ଚର୍ଚ୍ଚର ଏକ ଖାସ୍ ଇଲାକା ଏବଂ ଏହି ସହରଟି ଆରମ୍ଭରୁ ହିଁ ଖ୍ରୀଷ୍ଟିୟାନ୍‌ମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରସ୍ଥଳୀ ରହିଆସିଛି । ଏହି ସହରରେ ୧୯୮୦ ଦଶକରେ ଯମାତ୍ ଅହେମଦୀୟାର ସ୍ଥାପନ ହୋଇଅଛି । ଆରମ୍ଭରେ ଦଶରୁ ପନ୍ଦରଟି ଖାନ୍‌ଦାନ୍ ଏଠାରେ ଆସି ବସବାସ କରିଲେ । ଦେଖୁ ଦେଖୁ ଯମାତ୍‌ର ସଂଖ୍ୟା ଅସାଧାରଣ ରୂପେ ବୃଦ୍ଧି ପାଇଲା । ୧୯୯୩ ମସିହାରେ ଏଠିକାର ଯମାତ୍‌କୁ ଦୁଇଟି ଭାଗରେ ବିଭକ୍ତ କରାଯାଇ ଯମାତ୍ ଫୁଲ୍‌ଦା ଇଷ୍ଟ ଓ ଫୁଲ୍‌ଦା ୱେଷ୍ଟ ତିଆରି କରାଗଲା । ମସ୍‌ଜିଦ୍ ପାଇଁ ୩୪୭୮ ବର୍ଗମିଟର କ୍ଷେତ୍ରଫଳ ବିଶିଷ୍ଟ ଜମି ଖଣ୍ଡକୁ ୨୦୧୩ ମସିହାରେ ୩ଲକ୍ଷ ୫୦ ହଜାର ୟୁରୋ ବିନିମୟ କରାଯାଇ ଖରିଦ କରାଗଲା । ୨୬ ଜୁନ୍ ୨୦୧୩ ମସିହା ଦିନ ହଜୁର ଅନୱର ଅ:ବ:ଅ ନିଜର ଗସ୍ତ ସମୟରେ ଏହି ମସ୍‌ଜିଦ୍‌ର ମୂଳଦୁଆ ରଖିଥିଲେ । ଏହି ମସ୍‌ଜିଦ୍‌ରେ ୪୨୦ ଜଣ ନମାଜି ନମାଜ ପାଠ କରିପାରୁଛନ୍ତି । ମସ୍‌ଜିଦ୍‌ରେ ୬ ମିଟର ଚଉଡ଼ା ଗୁମ୍ବଦ ଓ ଦୁଇଟି ମୀନାର ରହିଛି । ନମାଜ ପଢ଼ିବା ପାଇଁ ଦୁଇଟି ହଲ୍, ଚାରୋଟି କାର୍ଯ୍ୟାଳୟ, ଗୋଟିଏ ପୁସ୍ତକଗାର, ରୋଷେଇଶାଳା, ଗୋଟିଏ ଷ୍ଟୋର୍ ହାଉସ୍ ଏବଂ ମୂରବୀ ହାଉସ୍ ମଧ୍ୟ ରହିଛି । ଏହି ମସ୍‌ଜିଦ୍‌ଟିକୁ ନିର୍ମାଣ କରିବାରେ ୧.୬ ମିଲିୟନ୍ ଡ଼ଲାର୍ ଖର୍ଚ୍ଚ ହୋଇଛି ।

**ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବ**

ମସ୍‌ଜିଦ୍‌ର ଉଦ୍‌ଘାଟନ ନିମନ୍ତେ ଫୁଲ୍‌ଡ଼ା ସହରର ଗୋଟିଏ ହୋଟେଲ୍ ଯାହାର ନାମ ହେଉଛି ମ୍ୟାରିଟିମ୍ ତା'ର ଗୋଟିଏ ହଲ୍ ମଧ୍ୟରେ ଏକ ସଭାର ଆୟୋଜନ କରାଯାଇଥିଲା । ଆଜିକାର ଏହି ସଭାରେ ସାମିଲ ହୋଇଥିବା ଅତିଥିମାନଙ୍କର ସଂଖ୍ୟା ୩୩୦ ଥିଲା । ସେମାନଙ୍କ ମଧ୍ୟରେ

Mr. Heiko Wingen Feld
ଲର୍ଡ଼ ମେୟର ଫୁଲ୍‌ଡ଼ା

Mr. Birgit Kompel
ପୂର୍ବତନ ମେମ୍ବର ଅଫ୍ ପାର୍ଲାମେଂଟ

Kurt Albrecht
ଚେୟାରମ୍ୟାନ ରାଉଣ୍ଡ ଟେବଲ୍ ଅଫ୍ ରିଲିଜିଅନ୍ସ ଫୁଲ୍‌ଡ଼ା

Sara Kautzsch
ଚେୟାର ଓମ୍ୟାନ Luther Church

Josef Benkner ଚେୟାର ମ୍ୟାନSPD କାଉନ୍‌ସିଲ୍ ଫୁଲ୍‌ଡ଼ା

Alja Epp - Naliwaiko
ଚେୟାରମ୍ୟାନ ଗ୍ରୀନ୍‌ପାର୍ଟି କାଉନ୍‌ସିଲ୍ ଫୁଲ୍‌ଡ଼ା

Jurgen Plappert
ଚେୟାରମ୍ୟାନ୍ ଲେବେରାଲ୍ ପାର୍ଟି କାଉନ୍‌ସିଲ୍ ଫୁଲ୍‌ଡ଼ା

ଏତଦ୍‌ବ୍ୟତିତ ବିଭିନ୍ନ ଇଲାକାରୁ ଆସିଥିବା ମେୟରମାନେ, କାଉନ୍‌ସିଲ୍ ସଦସ୍ୟଗଣ, ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ବିଶେଷ ଅଫିସରମାନେ ଏବଂ ଏମାନଙ୍କ ବ୍ୟତିତ ପ୍ରଫେସର, ଡ଼ାକ୍ତର, ଶିକ୍ଷକ, ଓକିଲ ଏବଂ ବିଭିନ୍ନ ବିଭାଗ ସହିତ ସମ୍ପର୍କ ରଖିଥିବା ବ୍ୟକ୍ତିମାନେ ସାମିଲ ହୋଇଥିଲେ ।

ପ୍ରୋଗ୍ରାମ ମୁତାବକ ହଜୁର ଅନୱର ଅ:ବ:ଅ ଠିକ୍ ୫:୪୫ ମିନିଟରେ ମସ୍‌ଜିଦ୍ ବଇତୁଲ୍ ହମିଦ୍‌ରୁ ଏହି ଉତ୍ସବରେ ଯୋଗ ଦେବାପାଇଁ ବାହାରିଲେ । ପୋଲିସ୍ ହଜୁରଙ୍କ ଏସକର୍ଟ କଲା । ଠିକ୍ ୬ ବେଳେ ହଜୁର ଅନୱର ଅ:ବ:ଅ ମ୍ୟାରିଟିନ ହୋଟେଲ୍‌ରେ ପହଂଚିଲେ । ଯେଉଁଠି ହଲ୍‌ର ବାହ୍ୟ ଫାଟକ ନିକଟରେ ଲର୍ଡ଼ ମେୟ ଫୁଲଡ଼ା ହଜୁର ଅନୱର ଅ:ବ:ଅଙ୍କୁ ସ୍ୱାଗତ କଲେ । ହଜୁର ଅନୱର ଅ:ବ:ଅଙ୍କ ଆଗମନ ପୂର୍ବରୁ ସମସ୍ତ ଅତିଥିବୃନ୍ଦ ନିଜ ନିଜର ଆସନ ଗ୍ରହଣ କରନେଇଥିଲେ । ପ୍ରୋଗ୍ରାମର ଶୁଭାରମ୍ଭ ପବିତ୍ର କୁରଆନ୍‌ର ପାଠ ସହିତ ହେଲା ଓ ତାହା ମୁକରମ୍ ହାଫିଜ୍ ଜାକିର ମୁସ୍‌ଲିମ୍ ବଟ ସାହେବ ଆବୃତି କଲେ । ତା'ପରେ ଡ଼ାକ୍ତର ରାଣା ମୋକରମ ଅହେମଦ୍ ସାହେବ୍ ଏହାର ଜର୍ମାନୀ ଭାଷାରେ ଅନୁବାଦ କରି ପଢ଼ାଇ ଶୁଣାଇଲେ ।

ତା'ପରେ ସର୍ବପ୍ରଥମେ ମୋକରମ୍ ନ୍ୟାସନାଲ୍ ଅମୀର ସାହେବ ଜର୍ମାନୀ ଅବ୍‌ଦୁଲ୍ଲାଃ ୱାଗସ୍ ହାଉଜର୍ ସାହେବ୍ ନିଜର ଅଭିଭାଷଣ ଉପସ୍ଥାପନ କଲେ । ଅତିଥିମାନଙ୍କୁ ସ୍ୱାଗତ ଜଣାଇ ଫୁଲ୍‌ଡ଼ା ସହର ଏବଂ ଜମାତ୍‌ର ପରିଚୟ ପ୍ରଦାନ କଲେ । ଅମୀର ସାହେବ୍ ବତାଇଲେ ଯେ, ଫୁଲ୍‌ଡ଼ାରେ ଅହେମୀଦମାନଙ୍କର ସଂଖ୍ୟା ପ୍ରାୟ ୪୫୦ । ୧୯୮୪ ମସିହାରେ ସର୍ବପ୍ରଥମେ ଏଠାରେ ଅହେମଦୀମାନେ ବସବାସ ଆରମ୍ଭ କଲେ ଏବଂ ୧୯୯୦ ମସିହାରେ ଗୋଟିଏ ଛୋଟିଆ ଘର ଭଡ଼ାରେ ନେଇ ତାକୁ ନମାଜ ସେଂଟର ଭାବରେ ବ୍ୟବହାର କରାଗଲା । ଫୁଲ୍‌ଡ଼ା ସହରରେ ଆରମ୍ଭରୁ ହିଁ Interreligious Dialogues ଅନୁଷ୍ଠିତ କରାଗଲା ଏବଂ ତବ୍‌ଲିଗ୍ ଷ୍ଟାଂଡ଼ ମଧ୍ୟ ଲଗାଗଲା ।

ଫୁଲ୍‌ଡ଼ା ସହରଟି Hessen ସହରର ସବୁଠାରୁ ବଡ଼ ସହରମାନଙ୍କ ମଧ୍ୟରେ ଗଣାଯାଏ । ଏହାର ଆରମ୍ଭ ପ୍ରସ୍ତର ଯୁଗରୁ ହୋଇଥିବାର ମିଳୁଅଛି । ଏହି ସହରର

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

**Postal Reg. No.GDP-40/2020-2022 Vol.6 Thursday 29 April 2021 Issue No. 17**

**MANAGER**
**SHAIKH MUJAHID AHMAD**
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

## ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

**୧୮ ଅକ୍ଟୋବର ୨୦୧୯ (ଶୁକ୍ରବାର)**

**ରିପୋର୍ଟର ବଳକାଅଂଶ**

Leverkusen ରୁ ଆସିଥିବା ସଦସ୍ୟମାନେ ୨୨୦ କିଲୋମିଟର, Pader born ରୁ ୨୫୫ କିଲୋମିଟର, Ulm-Donau ରୁ ୩୦୦ କିଲୋମିଟର, Osna-Baruck ରୁ ୩୧୫ କିଲୋମିଟର ଏବଂ ଯମାତ୍ ଅହେମଦୀୟା Chemnitz ରୁ ଆସିଥିବା ସଦସ୍ୟମାନେ ଓ ଫ୍ୟାମିଲିଗୁଡ଼ିକ ୪୦୦ କିଲୋମିଟର ଲମ୍ବା ରାସ୍ତା ଅତିକ୍ରମ କରି ଏଠାରେ ଆସି ପହଂଚିଥିଲେ ।

ଏମାନେ ସମସ୍ତେ ହଜୁର ଅନୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ । ହଜୁର ଅନୱର ଅ:ବ:ଅ ବହୁତ ସ୍ନେହର ସହିତ ଛାତ୍ରଛାତ୍ରୀମାନଙ୍କୁ କଲମ ପ୍ରଦାନ କଲେ ଓ ଛୋଟ ବୟସର କୁନି ପିଲାମାନଙ୍କୁ ଚକୋଲେଟ ପ୍ରଦାନ କଲେ । ସାକ୍ଷାତକାରର ଏହି ପ୍ରୋଗ୍ରାମ ସନ୍ଧ୍ୟା ୮ ଟା ପର୍ଯ୍ୟନ୍ତ ଜାରି ରହିଲା ।

**ନମାଜ ଯନାଜାଃ ହାଜିର୍ (ଉପସ୍ଥିତ)**

ତା'ପରେ ହଜୁର ଅନୱର ଅ:ବ:ଅ ମୁକରମ୍ ମିର୍ଜା ଅବ୍‌ଦୁଲ୍ ହମିଦ୍ ସାହେବ୍ ମରହୁମ୍‌ଙ୍କ ନମାଜ ଯନାଜାଃ ହାଜିର୍ ଏବଂ ତାଙ୍କ ସହିତ ପାଂଚଜଣ ମରହୁମୀନ୍‌ମାନଙ୍କ ନମାଜ ଯନାଜାଃ ଗାଏବ ପଢ଼ାଇଲେ ।

ମୁକରମ୍ ମିର୍ଜା ଅବ୍‌ଦୁଲ୍ ହମିଦ୍ ସାହେବ୍ ୧୩ ଅକ୍ଟୋବର ଦିନ ଜର୍ମାନୀରେ ୭୩ ବର୍ଷ ବୟସରେ ମୃତ୍ୟୁବରଣ କଲେ । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍* । ୧୦ ବର୍ଷ କାଳ ରୋଗରେ ପଡ଼ିବା ପୂର୍ବରୁ ସେ ଯମାତ୍‌ର ଇଜ୍‌ଲାସ୍‌ଗୁଡ଼ିକରେ ଏବଂ ମର୍କଜି ପ୍ରୋଗ୍ରାମଗୁଡ଼ିକରେ ସାମିଲ ହେଉଥିଲେ । ଚାନ୍ଦାଗୁଡ଼ିକ ମଧ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ନିୟମିତ ଭାବେ ପଇଠ କରୁଥିଲେ । ସେ ଅତ୍ୟନ୍ତ ଉତମ ଚରିତ୍ର ସମ୍ପନ୍ନ ଏବଂ ମେଳାପି ବ୍ୟକ୍ତି ଥିଲେ । ସେ ତାଙ୍କ ଅନ୍ତେ ନିଜ ପତ୍ନୀଙ୍କ ବ୍ୟତିତ ଗୋଟିଏ ପୁତ୍ର ଓ ଚାରିଜଣ ପୁତ୍ରୀ ଛାଡ଼ି ଯାଇଛନ୍ତି ।

**ନମାଜ ଯନାଜାଃ ଗାଏବ୍ ପାଠ**

(୧) ମୋକରମ୍ ଅବ୍‌ଦୁଲ୍ ହଫିଜ୍ ଖାନ୍ ସାହେବ୍

ନବେ ବର୍ଷ ବୟସରେ ୧୬ ଅକ୍ଟୋବର ଦିନ ରବୱାଠାରେ ତାଙ୍କର ଦେହାନ୍ତ ହେଲା । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍** । ମରହୁମ୍ ମୋକରମ୍ ଅବ୍‌ଦୁଲ୍ କରିମ୍ ସାହେବଙ୍କର ସୁପୁତ୍ର ଥିଲେ, ମୋକରମ୍ ଅବ୍‌ଦୁସ୍ ସତାର୍ ସାହେବ ମୁବଲ୍ଲିଗ୍ ସିଲ୍‌ସିଲା କଲମ୍ବିୟାର ବଡ଼ ଭାଇ ଥିଲେ ଏବଂ ମୋକରମ୍ ହାଫିଜ୍ ମୁଜ୍‌ଫର୍ ଅହେମଦ୍ ସାହେବ୍‌ଙ୍କ ମାମୁଁ ଥିଲେ । ସ୍ୱର୍ଗତ ଏକ ବର୍ଷ ସଦର ଅଞ୍ଜୁମନ୍ ଅହେମଦୀୟାରେ ମୁହାସିବ୍ ଏବଂ ଦଶବର୍ଷ ପର୍ଯ୍ୟନ୍ତ ନିଜ ହଲ୍‌କାରେ ସେକ୍ରେଟାରୀ ମାଲ୍ ରୂପେ ସେବା ସମ୍ପାଦନ କରିଛନ୍ତି । ବୀମାର ପଡ଼ିବା ପର୍ଯ୍ୟନ୍ତ ସେ ନିୟମିତ ମସ୍‌ଜିଦ୍ ଯାଇ ବାଯମାତ୍ ନମାଜ ପାଠ କରୁଥିଲେ । ସ୍ୱର୍ଗତ ମୁସୀ ଥିଲେ ଓ ତାଙ୍କ ଉତରାଧିକାରୀ ସ୍ୱରୁପ ତାଙ୍କର ଦୁଇଜଣ ପୁତ୍ର ଓ ଛଅ ଜଣ ଝିଅ ଅଛନ୍ତି ।

(୨) ମୋକରମା ସଲିମା ବେଗମ୍ ସାହିବା ପତ୍ନୀ ମୋହତରମ୍ ମୌଲବୀ ମୁହମ୍ମଦ୍ ଇସ୍‌ମାଇଲ୍ ଅସଲମ୍ ସାହେବ୍ ୱାକିଫେ ଜିନ୍ଦଗୀ ମରହୁମ୍ (ପେନଶନର୍ ତେହେରିକ-ଏ-ଜଦିଦ୍ ଦାରୁଲ୍ ଉଲୁମ୍ ଗର୍‌ବି ସାଦ୍ଦିକ୍ ରବୱା)

୩୧ ଅଗଷ୍ଟ ୨୦୧୯ ଦିନ ୮୭ ବର୍ଷ ବୟସରେ ତାଙ୍କର ଦେହାନ୍ତ ହେଲା । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍** । ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବି ହଜ୍‌ରତ୍ ମୌଲବୀ ଫଜଲ୍‌ଉଦ୍ଦିନ୍ ସାହେବ ର:ଅ (ଅଫ୍ ମ୍ୟାଙ୍ଗଟ୍ ଉଚେଁ- ପୂର୍ବତନ ମୁବଲ୍ଲିଗ୍ ହାଇଦ୍ରାବାଦ୍ ଦକ୍ଷିଣ ଏବଂ ବିହାର)ଙ୍କ ଝିଅ ଥିଲେ । ନମାଜ ଓ ରୋଜା ନିୟମିତ ପାଠ କରୁଥିଲେ, ତହ୍‌ଯୁଦ୍ ପାଠକାରୀ ଥିଲେ, ଅତିଥି ପରାୟଣ ମହିଳା ଥିଲେ, ନିଷ୍ଠାବାନ ଏବଂ ପୂଣ୍ୟବନ୍ତ ମହିଳା ଥିଲେ । ପବିତ୍ର କୁର୍‌ଆନ୍ ନିୟମତ ପାଠ କରୁଥିଲେ । ଅଲ୍‌ଫଜଲ୍ ଏବଂ ଯମାତ୍‌ର ପୁସ୍ତକଗୁଡ଼ିକୁ ନିୟମିତ ଅଧ୍ୟୟନ କରୁଥିଲେ । ଖିଲାଫତ୍ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପରିବାରବର୍ଗଙ୍କ ସହିତ ଅତ୍ୟନ୍ତ ଆନ୍ତରିକତା ଓ ପ୍ରେମପୂର୍ଣ୍ଣ ସମ୍ପର୍କ ତାଙ୍କର ଥିଲା । ୧୯୭୬ ମସିହାରେ ସେ ମହଲା ଦାରୁଲ୍ ଅଏମନ୍ ମଧ ରବୱାର ସଦର୍ ଲଜ୍‌ନା ନିଯୁକ୍ତ ହେଲେ ଏବଂ ପ୍ରାୟ ପନ୍ଦର ବର୍ଷ ପର୍ଯ୍ୟନ୍ତ ଏହି ସେବା କରିବାର ସୌଭାଗ୍ୟ ମିଳିଲା । ସେ ନିଜ ପିଲାମାନଙ୍କର ବହୁତ ସୁନ୍ଦର ସଂସ୍କାର କରିଛନ୍ତି । ସେ ମୁସିୟା ଥିଲେ, ତାଙ୍କ ଅନ୍ତେ ତାଙ୍କର ଚାରିଜଣ ପୁତ୍ର ଓ ତିନିଜଣ ପୁତ୍ରୀ ଅଛନ୍ତି । ତାଙ୍କର ପୁତ୍ର ମୋକରମ୍ ନାସିର୍ ଅହେମଦ୍ ମୁହମ୍ମଦ ସାହେବ (ଅଫ୍ ନରୱେ) ଏବଂ ବୋହୂଙ୍କୁ ନୁସରତ୍ ଜାହାଁ ଯୋଜାନ ଅନ୍ତର୍ଗତ ସିରିଆଲିଓନ୍‌ରେ ସେବା କରିବାର ସୌଭାଗ୍ୟ ମିଳିଛି । ଦ୍ୱିତୀୟ ପୁତ୍ର ମୋକରମ୍ ତାହେର୍ ଅହେମଦ୍ ମୁବଶିର୍ ସାହେବ୍ (ମୂରବୀ ସିଲ୍‌ସିଲା) ଟାଉନ୍‌ସିପ୍‌ଠାରେ ଏବଂ ଜଣେ ଜ୍ୱାଇଁ ମୋକରମ୍ ନେମ୍‌ତୁଲ୍ଲାଃ ଜାୱେଦ୍ ସାହେବ୍ (ମୂରବୀ ସିଲ୍‌ସିଲା) କସୁର୍‌ଠାରେ ଯମାତ୍‌ର ସେବା କରିବାର ସୌଭାଗ୍ୟ ପାଉଛନ୍ତି । ତାଙ୍କର ଜଣେ ନାତୀ ଜାମିୟା ଅହେମଦୀୟାରେ ଶିକ୍ଷା ଅର୍ଜନ କରୁଛନ୍ତି ।

(୩) ମୋକରମା ରଜିୟା ବେଗମ୍ ସାହିବା ପତ୍ନୀ ମୋକରମ୍ ମୁନୱର୍ ଅହେମଦ୍ ବଟ୍ ସାହେବ୍ (ରବୱା)

୨୯ ଅଗଷ୍ଟ ୨୦୧୯ ବର୍ଷ ଦିନ ୮୫ ବର୍ଷ ବୟସରେ ତାଙ୍କର ଦେହାନ୍ତ ହେଲା । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍** । ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବି ହଜ୍‌ରତ୍ ପୀର୍ ମୁହମ୍ମଦ୍ ସାହେବ ର:ଅଙ୍କ ନାତୁଣୀ ଥିଲେ । ସେ ଧର୍ମକୁ ସଂସାର ଉପରେ ସର୍ବଦା ଅଗ୍ରାଧିକାର ଦେଉଥିଲେ । ସମସ୍ତଙ୍କର ଧ୍ୟାନ ରଖୁଥିଲେ ଏବଂ ସେ ଜଣେ ଉତମ ଚରିତ୍ର ସମ୍ପନ୍ନ ଏବଂ ହର୍‌ଦିଲ୍ ଅଜିଜ୍ (ଯାହାଙ୍କୁ ସମସ୍ତେ ଭଲ ପାଆନ୍ତି)ମହିଳା ଥିଲେ । ମରହୁମା ମୁସିୟା ଥିଲେ । ତାଙ୍କର ଚାରିଜଣ ଝିଅ, ଛଅ ଜଣ ପୁଅ ଏବଂ ଅନେକ ନାତିନାତୁଣୀ ଅଛନ୍ତି । ତାଙ୍କର ଜଣେ ନାତୀ ମୋକରମ୍ ସାଦ୍ଦିକ୍ ଅହେମଦ୍ ବଟ ସାହେବ୍ (ମୂରବୀ ସିଲ୍‌ସିଲା) ତୁର୍କୀରେ ଏବଂ ଆଉ ଜଣେ ନାତୀ (ଝିଅଙ୍କ ପୁଅ) ମୋକରମ୍ ବେହଜାଦ୍ ଅହେମଦ୍ ସାହେବ୍ (ମୂରବୀ ସିଲ୍‌ସିଲା) ରବୱାରେ ଧର୍ମ ସେବାର ସୌଭାଗ୍ୟ ପାଉଛନ୍ତି । ଆଉ ଜଣେ ନାତୀ ମୁକରମ୍ ସାଗର ଅହେମଦ୍ ବଟ ସାହେବ ଜାମିୟା ଅହେମଦୀୟା ଜର୍ମାନୀରେ ଅଧ୍ୟୟନରତ ।

(୪) ମୋକରମା ଜୁବୈଦାଃ ବିବି ସାହିବା (ମୁକ୍ତାଦେଇପୁର ଜିଲ୍ଲା କଟକ, ଭାରତ)

ସେ ୨୮ ମାର୍ଚ୍ଚ ୨୦୧୯ ତାରିଖ ଦିନ ୪୮ ବର୍ଷ ବୟସରେ ମୃତ୍ୟୁବରଣ କଲେ । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍** । ସେ ଜନ୍ମଗତ ଅହେମଦୀ ଥିଲେ, ପାଂଚବେଳା ନମାଜ ନିୟମିତ ପାଠ କରନ୍ତି ଏବଂ ନିୟମିତ ଚାନ୍ଦା ପଇଠ କରନ୍ତି ତାଙ୍କର ଯମାତ୍ ସହିତ ବହୁତ ନିଷ୍ଠା ଓ ଆନ୍ତରିକ ସମ୍ବନ୍ଧ ଥିଲା ।

(୫) ମୋକରମା ଅମତୁର୍ ରଶିଦ୍ ବେଗମ୍ ସାହିବା (ପତ୍ନୀ ମୁକରମ୍ ମୌଲବୀ ହମିଦୁଲ୍ଲାଃ ଖାନ୍ ସାହେବ୍ ମୁଅଲ୍ଲିମ୍ ତାଲିମୁଲ୍ କୁର୍‌ଆନ୍ କ୍ଲାସ୍ ମସ୍‌ଜିଦ୍ ମୁବାରକ୍ ରବୱା)

ସେ ୮ ଜୁନ୍ ୨୦୧୯ ମସିହା ଦିନ ୯୯ ବର୍ଷ ବୟସରେ ମୃତ୍ୟୁବରଣ କଲେ । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍** । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ଖିଲାଫତ୍ ସମୟରେ ସେ ବିବାହ କରିବାପରେ ହିଁ ଅହେମଦୀୟତ ଗ୍ରହଣ କରିଥିଲେ । ସେ ନିଜର ନଅଜଣ ପିଲାଙ୍କର ତର୍‌ବିୟତ କରିବା ବ୍ୟତିତ ଘରେ ଅନେକ ପୁଅ ଝିଅଙ୍କୁ ପବିତ୍ର କୁର୍‌ଆନ୍‌ର ଶିକ୍ଷା ଦେଇଛନ୍ତି । ମରହୁମା ମୁସିୟା ଥିଲେ ।

ଅଲ୍ଲାଃ ତାଲା ଉପରୋକ୍ତ ସମସ୍ତ ମରହୁମୀନ୍‌ମାନଙ୍କ ସହିତ କ୍ଷମା ଆଚାରଣ କରନ୍ତୁ ଏବଂ ସେମାନଙ୍କୁ ନିଜ ପ୍ରୀୟଜନଙ୍କ ନିକଟରେ ସ୍ଥାନ ଦିଅନ୍ତୁ । ଅଲ୍ଲାଃ ତାଲା ସେମାନଙ୍କ ସମ୍ପର୍କୀୟ ଓ ବନ୍ଧୁବାନ୍ଧବମାନଙ୍କୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ ଏବଂ ଏମାନଙ୍କୁ ସେହି ମରହୁମୀନ୍‌ମାନଙ୍କ ସୁଗୁଣଗୁଡ଼ିକୁ ଜୀବିତ ରଖିବାପାଇଁ ସୌଭାଗ୍ୟ ଦିଅନ୍ତୁ । ଆମିନ୍ । ।

**ତକ୍‌ରିବେ ଆମିନ୍**

ତା'ପରେ ହଜୁର ଅନୱର ଅ:ବ:ଅ ମସ୍‌ଜିଦ୍‌ର ହଲ୍ ଭିତରେ ପ୍ରବେଶ କଲେ ଯେଉଁଠି ପ୍ରୋଗ୍ରାମ ମୁତାବକ ତକ୍‌ରିବେ ଆମିନ୍ ଉତ୍ସବ ଅନୁଷ୍ଠିତ ହେଲା । ହଜୁର ଅନୱର ଅ:ବ:ଅ ନିମ୍ନଲିଖିତ ୩୬ଜଣ ପିଲାଙ୍କଠାରୁ ପବିତ୍ର କୁର୍‌ଆନ୍‌ର ଗୋଟିଏ ଗୋଟିଏ ଆୟତ ଶୁଣିଲେ ଓ ଶେଷରେ ଦୁଆ କରାଇଲେ ।

ଅଜିଜମ୍ ମୋମିନ୍ ଅହ୍‌ମଦ୍, ଅଜିଜମ୍ ଦାନିଆଲ୍ ରାଜା, ଅଜିଜମ୍ ମସ୍‌ରୁର୍ ଅହ୍‌ମଦ୍ ଶେଖ୍, ଅଜିଜମ୍ ଆସିମ୍ ଖାନ୍, ଅଜିଜମ୍ ଲୁକ୍‌ମାନ୍ ମୁବଶିର୍, ଅଜିଜମ୍ ଅବିର୍ ଆଜମ୍ ବଟର୍, ଅଜିଜମ୍ ଜୟାନ ଫରାଜ ନାଜ୍, ଅଜିଜମ୍ ନବିଲ୍ ମେହମୁଦ୍, ଅଜିଜମ୍ ୱଜିହୁର୍ ରହ୍‌ମାନ୍, ଅଜିଜମ୍ ତଲ୍‌ହା ଅକ୍‌ବର୍ ଜୋୟା, ଅଜିଜମ୍ ସହ୍‌ରାବ୍ ଅହ୍‌ମଦ୍ ଏୱାନ୍, ଅଜିଜମ୍ ସଫିର୍ ଅହ୍‌ମଦ୍ ଏୱାନ୍, ଅଜିଜମ୍ ହସିଦ୍ ଅହ୍‌ମଦ୍, ଅଜିଜମ୍ ସୟଦ୍ ଜୁଲ୍‌କଫିଲ୍ ଅହ୍‌ମଦ୍, ଅଜିଜମ୍ ମୁର୍‌ତଜା ଅହ୍‌ମଦ୍, ଅଜିଜମ୍ ଶାଆନ୍ ଅହ୍‌ମଦ୍, ଅଜିଜମ୍ ଆହିଲ୍ ଅହ୍‌ମଦ, ଅଜିଜମ୍ ସଦାକତ୍ ଅହ୍‌ମଦ୍, ଅଜିଜମ୍ କାମ୍‌ରାନ୍ ଅନୱର, ଅଜିଜମ୍ ଫଏଜାନ୍ ନାସିର୍, ଅଜିଜମ୍ କାମ୍‌ରାନ୍ ଅହ୍‌ମଦ୍ ଜକାଃ, ଅଜିଜମ୍ ଜଲିସ୍ ଅହ୍‌ମଦ୍ ରାଣା, ଅଜିଜମ୍ ତାବିଶ୍ ଅହ୍‌ମଦ୍, ଅଜିଜମ୍ ମଲକ ଏଜାଜୁଲ୍ ହକ୍, ଅଜିଜମ୍ ଫର୍‌ହାନ୍ ଅଲୀ ଏୱାନ୍, ଅଜିଜମ୍ ସୁବ୍‌ହାନ୍ ଅହ୍‌ମଦ୍, ଅଜିଜମ୍ ଅୟାନ୍ ଅହ୍‌ମଦ୍, ଅଜିଜମ୍ ଅଲୀମ୍ ଅହ୍‌ମଦ୍, ଅଜିଜମ୍ ବାସିଲ୍ ଅହ୍‌ମଦ୍, ଅଜିଜମ୍ ନୁହ୍ ସିରାଜ ଅହ୍‌ମଦ୍, ଅଜିଜମ୍ ଲବିକ୍ ଅହ୍‌ମଦ୍, ଅଜିଜମ୍ ସାଏମ୍ ମୁନୀର୍, ଅଜିଜମ୍ ରଜ୍‌ୱାନ୍ ଅହ୍‌ମଦ୍ ମିର୍ଜା, ଅଜିଜମ୍ ଶାହ୍‌ଜୀନ୍ ମିର୍ଜା, ଅଜିଜମ୍ ରାହିଲ୍ ଅହ୍‌ମଦ୍ ନାଜ୍ ଏବଂ ଅଜିଜମ୍ ସୟଦ ବାସିଲ୍ ଅହ୍‌ମଦ୍

ତକ୍‌ରିବେ ଆମିନ୍ ପରେ ହଜୁର ଅନୱର ଅ:ବ:ଅ ମଗ୍‌ରିବ ଏବଂ ଈଶା ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**୧୯ ଅକ୍ଟୋବର ୨୦୧୯ (ଶନିବାର)**

ହଜୁର ଅନୱର ଅ:ବ:ଅ ଭୋର ୭:୦୦ରେ ମସ୍‌ଜିଦ୍‌ରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳ ବେଳା ହଜୁର ଅନୱର ଅ:ବ:ଅ ଦଫ୍‌ତରି ଡ଼ାକ, ଚିଠି ଏବଂ ରିପୋର୍ଟସ ଇତ୍ୟାଦିର ତଦାରଖ କଲେ ଓ ସେଥିରେ ହିଦାୟତ (ନିର୍ଦ୍ଦେଶମାନ) ପ୍ରଦାନ କଲେ । ଏହିପରି ହଜୁର ଅନୱର ଅ:ବ:ଅ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

ପ୍ରୋଗ୍ରାମ ମୁତାବକ ସକାଳ ୧୧.୩୦ ମିନିଟରେ ହଜୁର ଅନୱର ଅ:ବ:ଅ ନିଜ କାର୍ଯ୍ୟାଳୟରେ ପଦାର୍ପଣ କଲେ ଯେଉଁଠି ଫ୍ୟାମିଲି ସାକ୍ଷାତକାର ଆରମ୍ଭ ହେଲା । ଆଜି ସକାଳବେଳା ଏହି ସେଶନ୍‌ରେ ୪୫ଟି ଫ୍ୟାମିଲିର ୧୭୬ ଜଣ ସଦସ୍ୟ ଏବଂ ତିନିଜଣ

*ଅବଶିଷ୍ଟାଂଶ ପୃଷ୍ଠା- ୯ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**